ସମୟ ତରଙ୍ଗିଣୀ

୨ ଅଗଷ୍ଟ ୨୦୨୬ ରବିବାର

# ରିଆଲିଟି ଷ୍ଟାର






## ଓଡ଼ିଶାରେ ଏଭଳି ଅନେକ ପ୍ରତିଭା ଅଛନ୍ତି ଯେଉଁମାନେ ଜାତୀୟ ସ୍ତରରେ ଓଡ଼ିଶାର ନାଁକୁ ବେଶ ଗର୍ବିତ କରୁଛନ୍ତି । ଅନେକ ସମୟରେ ଜାତୀୟ ସ୍ତରରେ ହେଉଥିବା ବିଭିନ୍ନ ରିଆଲିଟି ଶୋରେ ଚମକିଥିବା ଓଡିଆଙ୍କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

ନିକଟରେ ସରିଛି ପରିଚିତ ସିଙ୍ଗିଙ୍ଗ ରିଆଲିଟି ଶୋ ଇଣ୍ଡିଆନ ଆଇଡଲ, ଯେଉଁଥିରେ ବାଜି ମାରିଛନ୍ତି ଓଡିଆ ଝିଅ ଜ୍ୟୋତିର୍ମୟୀ ନାୟକ । ଓଡ଼ିଶାର ୨୫ ବର୍ଷୀୟା ଗାୟିକା ଜ୍ୟୋତିର୍ମୟୀ ନାୟକ ଏକାଧିକ ପ୍ରତିଯୋଗୀଙ୍କୁ ପଛରେ ପକାଇ ଗ୍ରାଣ୍ଡ ଫାଇନାଲରେ 'ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୧୬'ର ଟ୍ରଫି ଜିତିବାରେ ସକ୍ଷମ ହୋଇଛନ୍ତି । ଏହି ପ୍ରତିଯୋଗିତାର ବିଜେତାଭାବେ ତାଙ୍କୁ ମିଳିଛି ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି । ଏହି ବିଜୟ ସହ ସେ ଇଣ୍ଡିଆନ୍ ଆଇଡଲ୍ ଜିତିବାରେ ଓଡ଼ିଶାର ପ୍ରଥମ ପ୍ରତିଯୋଗୀ ଭାବେ ଇତିହାସ ରଚିଛନ୍ତି । ରାଉରକେଲାରେ ଜନ୍ମିତ ଚକ୍ରଧର ନାୟକ ଓ ଗୌରୀ ନାୟକଙ୍କ ଝିଅ ଜ୍ୟୋତିର୍ମୟୀ ପିଲାଦିନରୁ ସଙ୍ଗୀତପ୍ରେମୀ । ବାପାଙ୍କ ପ୍ରେରଣାରେ ତୃତୀୟ ଶ୍ରେଣୀରୁ ଗୁରୁ ବୁଦ୍ଧ ପ୍ରସାଦ ରାଓଙ୍କଠାରୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଆସି ଗୁରୁ ବାଲକୃଷ୍ଣ ଭୈରବଙ୍କଠାରୁ ଶାସ୍ତ୍ରୀୟ ତାଲିମ ତଥା ସ୍ୱର୍ଗତ ଗୁରୁ ଶାରଦା ପ୍ରସନ୍ନା ସାହୁଙ୍କଠାରୁ ଲଘୁ ସଙ୍ଗୀତ ଓ ବଲିଉଡ୍ ଗୀତ ଗାଇବାର



## ଅନନ୍ୟା ଶ୍ରୀତମ ନନ୍ଦ

ଓଡ଼ିଶାର ଆଉଜଣେ ପରିଚିତ ଗାୟିକା ହେଲେ ଅନନ୍ୟା ଶ୍ରୀତମ ନନ୍ଦ । ଖୁବ କମ ବୟସରେ ସେ ଓଡ଼ିଶାକୁ ଜାତୀୟ ସ୍ତରରେ ରିପ୍ରେଜେଣ୍ଟ କରିବା ସହିତ ବିଜେତା ହୋଇ ଗୌରବ ମଧ୍ୟ ଆଣିଥିଲେ । ୨୦୧୫ ମସିହାର "ଇଣ୍ଡିଆନ ଆଇଡଲ ଜୁନିୟର-୨"ରେ ସେ ବିଜେତା ହୋଇ ସମସ୍ତଙ୍କ ପାଇଁ ଗର୍ବ ଆଣିଥିଲେ । ପୁରୀ ଜିଲ୍ଲା ପ୍ରତାପ ପୁରୁଷୋତ୍ତମପୁର ଅନ୍ତର୍ଗତ ବ୍ରାହ୍ମଣ ଆଳନ୍ଦିଆ ଅଞ୍ଚଳର ପ୍ରସନ୍ନ କୁମାର ନନ୍ଦ ଏବଂ ପ୍ରଶାନ୍ତୀ ନନ୍ଦଙ୍କ ଝିଅ ଅନନ୍ୟା। ୪ ବର୍ଷ ବୟସରୁ ଅନନ୍ୟା ସଙ୍ଗୀତ ପ୍ରତି ରୁଚି ରଖିଥିଲେ । ନୀଳମଣି ଓଝା ତାଙ୍କର ପ୍ରଥମ ସଙ୍ଗୀତ ଗୁରୁ ଥିଲେ । ପ୍ରଥମେ ସେ ୨୦୧୧ରେ ଜି ଟିଭିରେ ପ୍ରସାରିତ ସାରେଗାମା ଲିଟିଲ ଚାମ୍ପ, ୨୦୧୩ରେ ଇଣ୍ଡିଆନ ଆଇଡଲ, ୨୦୧୪ରେ ସାରେଗାମା ଲିଟଲ ଚାମ୍ପରେ ଅଂଶ ଗ୍ରହଣ କରିଥିଲେ ମଧ୍ୟ ସଫଳତା ପାଇ ନ ଥିଲେ। ଏହାପରେ ଟିଭି ଚ୍ୟାନେଲ 'ସୋନି ଏଣ୍ଟରଟେନମେଣ୍ଟ'ଦ୍ୱାରା ପ୍ରସାରିତ 'ଇଣ୍ଡିଆନ ଆଇଡଲ ଜୁନିୟର-୨'ରେ ୨୦୧୫ 'ରେ ସେ ଭାଗନେଇଥିଲେ । ଯେଉଁଠାରେ ସେ ୨୫ ରାଉଣ୍ଡରେ ବିଭିନ୍ନ ପ୍ରତିଭାଙ୍କୁ ହରାଇ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ। କେବଳ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ତାହା ନୁହେଁ ବିଜେତା ମଧ୍ୟ ହୋଇଥିଲ । ଅନନ୍ୟା ୪ ବର୍ଷ ବୟସରୁ ଅନେକ ପୁରସ୍କାର ପାଇଛନ୍ତି । ସ୍ୱର ବିଚିତ୍ରା, ଗୀତ ତରଙ୍ଗ, ରୋଟାରୀ କ୍ଲବ, ସଙ୍ଗୀତ ବିଚିତ୍ରା, ରୁଚି

କୌଶଳ ଶିଖିଥିଲେ । ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ସାଇନ୍ସରେ ବି.ଟେକ୍ ସମ୍ପୂର୍ଣ୍ଣ କରିବା ପରେ ସେ ଚେନ୍ନାଇ ସ୍କୁଲ୍ ଅଫ୍ ମ୍ୟୁଜିକ୍ ଥେରାପିରୁ ପ୍ରମାଣପତ୍ର ହାସଲ କରି ସଙ୍ଗୀତ ଥେରାପିଷ୍ଟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ଛୋଟବେଲୁ ଓଡ଼ିଶାର ଆଞ୍ଚଳିକ ସଙ୍ଗୀତ ଜଗତରେ ସେ ସକ୍ରିୟ ଥିଲେ । ଓଡିଶାର ଅନେକ ରିଆଲିଟି ଶୋରେ ଭାଗନେଇଛନ୍ତି ଜ୍ୟୋତିର୍ମୟୀ । ଏହାସହ ସେ ଓଡିଆ ଫିଲ୍ମ ଜଗତରେ ମଧ୍ୟ ଏକ ପରିଚିତ ନାଁ । ତେବେ ଏହି ବିଜୟକୁ ଏକ ସ୍ୱପ୍ନ ସତ ହେବା ଭଳି ଆଖ୍ୟା ଦେବା ସହ ଭବିଷ୍ୟତରେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଓ ଦୀପିକା ପାଦୁକୋନ୍‌ଙ୍କ ପାଇଁ ପ୍ଲେ-ବ୍ୟାକ୍ ଗାୟିକା ଭାବେ ଗୀତ ଗାଇବାକୁ ଲକ୍ଷ୍ୟ ରଖିଛନ୍ତି ଜ୍ୟୋତିର୍ମୟୀ । ଆଗକୁ ଓଡ଼ିଶାର ନାଁକୁ ଆହୁରି ଆଗକୁ ନେବାକୁ ସେ ପ୍ରତିବଦ୍ଧ ବୋଲି ଅନେକ ସାକ୍ଷାତକାରରେ ମତ ଦେଇଛନ୍ତି ଜ୍ୟୋତିର୍ମୟୀ । ଉକ୍ତ ରିଆଲିଟି ଶୋରେ ତାଙ୍କୁ ଅନେକ ଭଲପାଇବା ମିଳିବା ସହିତ ତାଙ୍କ କଣ୍ଠର ସମସ୍ତେ ଫ୍ୟାନ ହୋଇଯାଇଥିଲେ । ଶ୍ରେୟା ଘୋଷାଲଙ୍କୁ ନିଜ ପ୍ରେରଣା ମାନୁଥିବା ଜ୍ୟୋତିର୍ମୟୀ ଶ୍ରେୟାଙ୍କ ଠାରୁ ଅନେକଥର ପ୍ରଶଂସା ପାଇଥିଲେ । ଯାହା ତାଙ୍କର ସବୁଠାରୁ ବିଶେଷ ମୁହୂର୍ତ୍ତ ଥିଲା ବୋଲି ପ୍ରକାଶ କରିଛନ୍ତି । ଜ୍ୟୋତିର୍ମୟୀ ନିଜ ସଫଳତାର ଶ୍ରେୟ ନିଜ ପରିବାର, ଗୁରୁ ଓ ଓଡିଶାର ଜନସାଧାରଣଙ୍କୁ ଦେଇଛନ୍ତି । ଓଡିଶାବାସୀଙ୍କ ଭଲପାଇବା ବିନା ସେ ଏହା କରିବାରେ କେବେ ବି ସକ୍ଷମ ହୋଇ ନଥାନ୍ତେ ବୋଲି ମତ ପ୍ରକାଶ କରିଛନ୍ତି । ସେହିଭଳି ରାଜ୍ୟରେ ସେ ପହଞ୍ଚିବା ପରେ ତାଙ୍କୁ ସମ୍ବର୍ଦ୍ଧନା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି ।



ସନ୍ଧାନ, ଗଜଲକ୍ଷ୍ମୀ ସମ୍ମାନ, ସଙ୍ଗୀତ ସୁଧାକର, ସଙ୍ଗୀତ ବିବଧା ସମ୍ମାନ, ଏସଭି ଗ୍ରୁପ ପ୍ରଫୁଲ୍ଲ କର ଫାଉଣ୍ଡେସନ, ଅକ୍ଷୟ ମହାନ୍ତି ଫାଉଣ୍ଡେସନ, ମୂର୍ଚ୍ଛନା, ରୋଟାରୀ କ୍ଲବ ଆଦି ସମ୍ମାନ ପାଇଛନ୍ତି। ମାତ୍ର ତେର ବୟସରେ ଇଣ୍ଡିଆନ ଆଇଡଲ ଜୁନିଅର-୨ ଟ୍ରଫି ହାସଲ କରି ସେ ଓଡ଼ିଶା ପାଇଁ ଗୌରବ ଆଣିଦେଇଥିଲେ । ଏହାପରେ ତାଙ୍କୁ ୨୦୧୯ ରେ କଲର୍ସ ଟିଭିର ରାଇଜିଂ ଷ୍ଟାରରେ ଦେଖିବାକୁ ମିଳିଥିଲା ଯେଉଁଠାରେ ସେ ଟପ ୫ ପ୍ରତିଯୋଗୀଙ୍କ ଭିତରେ ସ୍ଥାନ ପାଇଥିଲେ । ସେହିଭଳି ତାଙ୍କ କଣ୍ଠ ସ୍ୱର ଓଡ଼ିଶା ଓ ବଲିଉଡର ଅନେକ ଫିଲ୍ମରେ ଶୁଣିବାକୁ ମିଳିଛି । ସେ ପ୍ରଥମ କରି ଏମ ଏସ ଧୋନି ଅଲଟୋଲ୍ଡ ଷ୍ଟୋରୀରୁ ନିଜର ଡେବ୍ୟୁ କରିଥିଲେ। ସେହିଭଳି ଓଡ଼ିଶାର ଅନେକ ଫିଲ୍ମ ଯେପରି ବେବି, ଅଗସ୍ତ୍ୟା, ତୁ ମୋ ଲଭ ଷ୍ଟୋରୀ, ରୋମିଓ ଜୁଏଲେଟ, ଅଭୟ ଆଦିରେ ଶୁଣିବାକୁ ମିଳିଛି । ଆଗକୁ ଦର୍ଶକ ତାଙ୍କୁ ଆହୁରି ଭଲଭଲ ଟ୍ରାକରେ ଶୁଣିବାକୁ ଆଶା ରଖିଛନ୍ତି ।

## ରୀତୁରାଜ ମହାନ୍ତି

ଭାରତୀୟ ସଙ୍ଗୀତ ଜଗତରେ ନିଜ ସଙ୍ଗୀତ ଦ୍ୱାରା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଣ୍ଠଶିଳ୍ପୀ ହେଉଛନ୍ତି ରୀତୁରାଜ ମହାନ୍ତି। ଓଡ଼ିଶାର ନାଁକୁ ଏକ ଭିନ୍ନ ଶୈଳୀର ସଙ୍ଗୀତରେ ଖୁବ ଆଗକୁ ନେଇଥିଲେ ରୀତୁରାଜ । ଚର୍ଚ୍ଚିତ ରିଆଲିଟି ଶୋ' 'ଇଣ୍ଡିଆଜ୍ ର' ଷ୍ଟାର୍'ର ବିଜେତା ହୋଇ ସେ ଦେଶବ୍ୟାପୀ ଅପାର ସଫଳତା ଓ ଭଲପାଇବା ହାସଲ କରିଛନ୍ତି । ସଙ୍ଗୀତ କ୍ଷେତ୍ରରେ ତାଙ୍କର ଏହି ସଫଳତା ପଛରେ ରହିଛି କଠିନ ସଂଘର୍ଷ, ପରିବାରର ଆଶୀର୍ବାଦ ଏବଂ କେବେ ହାର୍ ନମାନିବାର ଜିଦ୍ । ରୀତୁରାଜଙ୍କ ଜନ୍ମ ଓଡ଼ିଶାର ପୁରୀ ଜିଲ୍ଲା ଅନ୍ତର୍ଗତ ନିମାପଡ଼ା ସହରରେ । ସେ ପିତା ଚକ୍ରଧର ମହାନ୍ତି ଏବଂ ମାତା ପ୍ରଭାତୀ ମହାନ୍ତିଙ୍କର ଜ୍ୟେଷ୍ଠ ପୁତ୍ର । ତାଙ୍କ ପରିବାରରେ ସଙ୍ଗୀତର ଏକ ଗଭୀର ପରମ୍ପରା ରହିଛି। ତାଙ୍କ ପିତା ଚକ୍ରଧର ମହାନ୍ତି ପେଶାରେ ଜଣେ ତବଲା ବାଦକ ଏବଂ ଯାତ୍ରା ଜଗତର ଜଣେ ଗାୟକ । ଏତଦ୍‌ବ୍ୟତୀତ ତାଙ୍କ ଜ୍ୟେଷ୍ଠ ଦାଦାଙ୍କ ପୁଅ ସୁମନ୍ତ ମହାନ୍ତି ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପର ଜଣେ ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ଥିଲେ । ପରିବାରର ଏହି ସଙ୍ଗୀତମୟ ପରିବେଶରୁ ସେ ଗାୟକୀର ପ୍ରେରଣା ପାଇଥିଲେ । ସଙ୍ଗୀତ ପ୍ରତି ଥିବା ନିଜର ଭଲପାଇବା ପାଇଁ ରୀତୁରାଜ ଭୁବନେଶ୍ୱରସ୍ଥିତ ପ୍ରସିଦ୍ଧ 'ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ'ରୁ ଓଡ଼ିଶୀ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ। ତେବେ ତାଙ୍କ ଜୀବନରେ ଏକ ବଡ଼ ଦୁର୍ଘଟଣା ଘଟିବା ପରେ ସେ କିଛି ସମୟ ପାଇଁ ସଙ୍ଗୀତ ଛାଡ଼ିଦେବାକୁ ବାଧ ହୋଇଥିଲେ। ଏହାପରେ ସେ ବୃତ୍ତିଗତ କାମ ଅନ୍ୱେଷଣରେ ମୁମ୍ବାଇ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ 'ଇଣ୍ଡିଆଜ୍ ର' ଷ୍ଟାର୍' ଶୋ' ମାଧ୍ୟମରେ ସେ ଦୀର୍ଘ ଦିନ ପରେ ପୁଣି ସଙ୍ଗୀତକୁ ଫେରିଥିଲେ । ମୁମ୍ବାଇରେ ରୀତୁରାଜ ଜଣେ ବୃତ୍ତିଗତ ଗାୟକ ଭାବେ ନିଜକୁ ସ୍ଥାପିତ କରିବା ପାଇଁ ନିରନ୍ତର ଚେଷ୍ଟା ଜାରି ରଖିଥିଲେ । ସଙ୍ଗୀତ କ୍ଷେତ୍ରରେ ତାଙ୍କୁ ପ୍ରଥମ ବଡ଼ ବ୍ରେକ୍ ମିଳିଥିଲା ଚର୍ଚ୍ଚିତ ଟେଲିଭିଜନ ଶୋ' 'ସତ୍ୟମେବ ଜୟତେ' (ସିଜନ୍-୨)ର ''ଆମ୍ କେ ଆମ୍ ହୋଙ୍ଗେ'' ଗୀତ ମାଧ୍ୟମରେ । ଏହାପରେ ୨୦୧୪ ମସିହାରେ ବଲିଉଡ୍ ସିନେମା 'ଭୂତନାଥ ରିଟର୍ନ୍ସ'ରେ ''ସାହିବ'' ଗୀତ ଗାଇ ସେ ଦର୍ଶକଙ୍କ ମନ ଜିତିଥିଲେ । ସେହିବର୍ଷ ୨୦୧୪ରେ ଅନୁଷ୍ଠିତ 'ଇଣ୍ଡିଆଜ୍ ର' ଷ୍ଟାର୍' ପ୍ରତିଯୋଗିତାରେ ଶ୍ରେଷ୍ଠ ତିନି ପ୍ରତିଯୋଗୀଙ୍କ ମଧ୍ୟରୁ ଅନ୍ୟତମ ଭାବେ ସ୍ଥାନ ପାଇବା ସହ ସେ ଏହି ସୋ'ର ବିଜେତା ହୋଇଥିଲେ । ଏହି ବିଜୟ ତାଙ୍କୁ ବଲିଉଡ୍ ସଙ୍ଗୀତ ଜଗତରେ ଏକ ନୂଆ ପରିଚୟ ଦେଇଥିଲା । ଏହାପରେ ସେ ଅନେକ ପ୍ରୋଜେକ୍ଟ କାମ କରିଛନ୍ତି। ନିଜର ଆତ୍ମବିଶ୍ୱାସ ଓ ମିଠା କଣ୍ଠଯାଦୁ ବଳରେ ରୀତୁରାଜ ଆଜି ଅନେକ ନବାଗତ ସଙ୍ଗୀତ ସାଧକଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହୋଇପାରିଛନ୍ତି । ସେ ନିଜର ଆବେଗପୂର୍ଣ୍ଣ ସଙ୍ଗୀତ ଦ୍ୱାରା ବଲିଉଡ୍, ଆଞ୍ଚଳିକ







ସିନେମା ଏବଂ ସ୍ୱାଧୀନ ସଙ୍ଗୀତ ଜଗତରେ ଏକ ପ୍ରଭାବଶାଳୀ ପରିଚୟ ସୃଷ୍ଟି କରିଛନ୍ତି । ସେ 'ସତ୍ୟମେବ ଜୟତେ'ର ''ଆମ୍ କେ ଆମ୍ ହୋଙ୍ଗେ'' ଏବଂ 'ଭୂତନାଥ ରିଟର୍ନ୍ସ'ର ''ସାହିବ'' ଗୀତରୁ ନିଜର ସଫଳ ଯାତ୍ରା ଆରମ୍ଭ କରି ପରବର୍ତ୍ତୀ ସମୟରେ 'ଶେରଦିଲ୍: ଦି ପିଲିଭିତ୍ ସାଗା'ର ''ଧୂପ ପାନି ବହନେ ଦେ'', 'ବଙ୍ଗିସ୍ତାନ'ର ''ଈଶ୍ୱର ମୌଲା'', 'ତେରା ସୁରୁର'ର ''ଅଧୁରୀ ଜିନ୍ଦଗୀ ହୈ'', 'ବୁଧିଆ ସିଂ - ବର୍ନ୍ ଟୁ ରନ୍'ର ''ସୁନା ପୁଅ ଦୌଡ଼ ଦୌଡ଼'', 'ହାତୀ ମେରେ ସାଥୀ'ର ''ଶୁକ୍ରିୟା'' ଏବଂ ଓଟିଟି ସିରିଜ୍ 'ମେଡ୍ ଇନ୍ ହେଭେନ୍'ର ''ଜିୟା ଯାଏ'' ପରି ଅନେକ ବହୁଚର୍ଚ୍ଚିତ ଗୀତରେ କଣ୍ଠଦାନ କରିଛନ୍ତି ।
ଏହାସହ ସେ ଆଲବମ୍ ଏବଂ ଗୁଜରାଟୀ ସିନେମାରେ ମଧ୍ୟ ଗୀତଗାଇ ନିଜର ବହୁମୁଖୀ ପ୍ରତିଭାର ପରିଚୟ ଦେଇଛନ୍ତି । ଓଡ଼ିଆ ସଙ୍ଗୀତ ଜଗତରେ ସୁନାମଧନ୍ୟ ଚଳଚ୍ଚିତ୍ର 'ଦମନ୍'ର ଟାଇଟଲ୍ ସଙ୍ଗ୍, 'ସିଷ୍ଟର ଶ୍ରୀଦେବୀ'ର ''ଓ ସୁନୟନା'', 'କୁହୁଡ଼ି'ର ''ସତ୍ୟମେବ ଜୟତେ'' ଏବଂ 'ଭୁଲିଯିବି ତୋତେ' ଆଲବମ୍‌ର ''ଜେବେଠୁ ଦେଖିଲି'' ଓ ''ତୁ ଆସିଲେ କଲେଜ'' ପରି ଅତ୍ୟନ୍ତ ଜନପ୍ରିୟ ଗୀତଗୁଡ଼ିକରେ କଣ୍ଠଦାନ କରି ସେ ନିଜ ସଫଳତାର ସ୍ୱାକ୍ଷର ଛାଡ଼ିଛନ୍ତି ।

## ବର୍ଣ୍ଣାଲୀ ହୋତା

ଆଶା ଏବଂ ସ୍ୱପ୍ନର କୌଣସି ସୀମା ନଥାଏ, ଯେତେବେଳେ ତାହାକୁ ପୂରଣ କରିବା ପାଇଁ ହୃଦୟରେ ଦୃଢ଼ ଇଚ୍ଛାଶକ୍ତି ଥାଏ। ଓଡ଼ିଶାର ମାଟି ଅନେକ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ଜନ୍ମ ଦେଇଛି, ଯାହାଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଜଣାଶୁଣା କଣ୍ଠଶିଳ୍ପୀ ବର୍ଣ୍ଣାଲୀ ହୋତା । ଆଜିକାଲିର ଅନେକ ଗାୟକ ଭିନ୍ନ ଭିନ୍ନ ଶୈଳୀର ଗୀତ ଗାଇବାକୁ ପସନ୍ଦ କରୁଥିବା ବେଳେ ଲୋକସଙ୍ଗୀତ ଅନେକ ସମୟରେ ପଛରେ ପଡ଼ିଯାଏ । ତେବେ ବର୍ଣ୍ଣାଲୀ ନିଜର ମିଠା ସ୍ୱର ଯାଦୁରେ ଓଡ଼ିଆ ଲୋକକଳା ଓ ଲୋକସଙ୍ଗୀତକୁ ସମ୍ମୁଖକୁ ଆଣିବା ସହ ଏହାକୁ ନିଜର ଆତ୍ମା ଏବଂ ଗର୍ବର ବିଷୟ ଭାବେ ଗ୍ରହଣ କରିଛନ୍ତି । ମାତ୍ର ୧୧ ବର୍ଷର ବୟସରୁ, ସେ ସଙ୍ଗୀତ କ୍ଷେତ୍ରରେ ନିଜର ପ୍ରଥମ ପାଦ ଥାପିଥିଲେ। ଛୋଟବେଳୁ ସଙ୍ଗୀତ ପ୍ରତି ବର୍ଣ୍ଣାଲୀଙ୍କର ଗଭୀର ରୁଚି ଥିଲା । ସେ ସେହି ସମୟର ଜନପ୍ରିୟ ଧାରାବାହିକ 'କସୌଟି ଜିନ୍ଦଗୀ କି' ଏବଂ 'କୁମ୍‌କୁମ୍ ଭାଗ୍ୟ'ର ଗୀତଗୁଡ଼ିକୁ ଘରେ ସହଜରେ ଗାଇପାରୁଥିଲେ। ଝିଅର ଏହି ପ୍ରତିଭାକୁ ଦେଖି ତାଙ୍କ ବାପା-ମାଆ ତାଙ୍କୁ ଜଣେ ସଙ୍ଗୀତ ଗୁରୁଙ୍କ ନିକଟରେ ତାଲିମ ଦେବାକୁ ନିଷ୍ପତ୍ତି ନେଇଥିଲେ । ସ୍ୱର୍ଗତଃ ଶାନ୍ତିଲତା ବାରିକ ବର୍ଣ୍ଣାଲୀଙ୍କ ଗୁରୁ ଭାବେ ତାଙ୍କୁ ଆପଣେଇ ନେଇଥିଲେ ଏବଂ ଜଣେ ମା' ପରି ସ୍ନେହ ଦେଇ ତାଙ୍କ ଗାୟକୀକୁ ସୁଧାରିବାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଥିଲେ। ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ବର୍ଣ୍ଣାଲୀ ଜାତୀୟ ଟେଲିଭିଜନ୍ ଶୋ' 'ସା ରେ ଗା ମା ପା ଲିଟିଲ୍ ଚାମ୍ପସ୍'ରେ ଅଡିସନ୍ ଦେଇ ମନୋନୀତ ହୋଇଥିଲେ ଏବଂ ଶ୍ରେଷ୍ଠ ୫ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । ଏହି ଶୋ' ପରେ ତାଙ୍କ କ୍ୟାରିୟରରେ ୟୁଟର୍ଣ୍ଣ ଆସିଥିଲା । ସେ ଆଦନାନ ସାମିଙ୍କ ପରି ନାମୀ କଳାକାରଙ୍କ ସହ ଦକ୍ଷିଣ ଆଫ୍ରିକା ସମେତ ବିଦେଶ ଗସ୍ତ କରି ଗୀତ ଗାଇବାର ସୁଯୋଗ ପାଇଥିଲେ । ତେବେ ପ୍ରତ୍ୟେକ ସଫଳତା ପଛରେ ସଂଘର୍ଷ ଥିବା ପରି, ବର୍ଣ୍ଣାଲୀଙ୍କ ଜୀବନରେ ମଧ୍ୟ ବାଧାବିଘ୍ନ ଆସିଥିଲା । 'ଜୀ ଟିଭି' ପକ୍ଷରୁ ତାଙ୍କୁ ପ୍ଲେ ବ୍ୟାକ ସିଙ୍ଗର ଭାବେ ସୁଯୋଗ ମିଳିଥିଲେ ବି ଚୁକ୍ତି କାର୍ଯ୍ୟକାରୀ ହୋଇପାରିନଥିଲା। କମ୍ପାନୀ ଅଧିକ ପାରିଶ୍ରମିକ ଦାବି କରୁଥିବା ବେଳେ ବର୍ଣ୍ଣାଲୀଙ୍କ ସ୍ୱରର ଗାମ୍ଭୀର୍ଯ୍ୟ ପ୍ଲେବ୍ୟାକ୍ ଗାୟକୀ ପାଇଁ ଉପଯୁକ୍ତ ନୁହେଁ ବୋଲି କୁହାଯାଇଥିଲା। ଏପରିକି ବର୍ଣ୍ଣାଲୀ ଅଧିକ ପାରିଶ୍ରମିକ ମାଗୁଛନ୍ତି ବୋଲି କିଛି ଗୁଜବ ମଧ୍ୟ ସୃଷ୍ଟି ହୋଇଥିଲା । ଏସବୁ ସତ୍ତ୍ୱେ ବର୍ଣ୍ଣାଲୀ ନିଜର ଧୈର୍ଯ୍ୟ ଓ ଉତ୍ସାହ ହରାଇନଥିଲେ । ସେ ଓଲିଉଡ୍‌ର ଅନେକ ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ ପାଇଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସେ 'ଅମୃତ କଳଶ' ପ୍ରୋଗ୍ରାମରେ ଓଡ଼ିଶାର ଲୋକସଙ୍ଗୀତ ପରିବେଷଣ କରି ପ୍ରଶଂସିତ ହୋଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ଗାଇଥିବା ''ବଜାରେ ବଜା ବାଲା'' ଏବଂ ''ଦେଖା ଲୋ ସଙ୍ଗାତ'' ଗୀତ ଦୁଇଟି ସୋସିଆଲ ମିଡିଆରେ ଭାଇରାଲ ହୋଇ ଓଡ଼ିଆ ଲୋକସଙ୍ଗୀତର ପ୍ରକୃତ ମହକ ସମସ୍ତଙ୍କ ପାଖରେ










ପହଞ୍ଚାଇଥିଲା । ରିଆଲିଟି ଶୋ' ବ୍ୟତୀତ ମାତ୍ର ୧୭ ବର୍ଷ ବୟସରେ ସେ ଦୁଇଟି ସଙ୍ଗୀତ ଆଲବମ୍‌ରେ କାମ କରିସାରିଥିଲେ । ଏହାଛଡ଼ା ବାଂଲାଦେଶୀ ଚଳଚ୍ଚିତ୍ର ଶିଳ୍ପରେ ଗୀତ ଗାଇ ପ୍ରଥମ ଓଡ଼ିଆ ଗାୟିକା ଭାବେ ସେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ 'ଓଡ଼ିଶା ପର୍ବ'ରେ ମଧ୍ୟ ସେ ନିଜ ସଙ୍ଗୀତ ପରିବେଷଣ ଦ୍ୱାରା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଓଡ଼ିଶାର ସଂସ୍କୃତିକୁ ଗୌରବାନ୍ୱିତ କରିଛନ୍ତି ।

## ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍

କେବଳ ସଙ୍ଗୀତ ନୁହେଁ ନୃତ୍ୟରେ ବି ଓଡ଼ିଶାର ଏକ ଡ୍ୟାନ୍ସ ଗ୍ରୁପ ରହିଛି ଯାହା ଓଡ଼ିଶାର ନାଁକୁ ଜାତୀୟ ସ୍ତରରେ ପରିଚିତ କରାଇ ପାରିଛି, ତାହାହେଲା ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁର ନିକଟସ୍ଥ ଆମ୍ବପୁଆ ଗାଁର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ । 'କଲର୍ସ ଟିଭି' ଚ୍ୟାନେଲର ଚର୍ଚ୍ଚିତ ରିଆଲିଟି ଶୋ' 'ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ'ର ପ୍ରଥମ ସିଜନ୍‌ରେ ଭାଗ ନେଇ ଏହି ଦଳ ଚୂଡ଼ାନ୍ତ ପର୍ଯ୍ୟାୟର ୧୧ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଥିଲା । ୨୦ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏହି ନୃତ୍ୟ ଗ୍ରୁପ୍‌ର ନେତୃତ୍ୱ କୃଷ୍ଣ ମୋହନ ରେଡ୍ଡୀ ନେଇଥିଲେ, ଯିଏ ନିଜେ ଏହି ଦଳର ସଂସ୍ଥାପକ ଏବଂ କୋରିଓଗ୍ରାଫର । କୃଷ୍ଣ ମୋହନ ରେଡ୍ଡୀ ହେଉଛନ୍ତି 'ଇଣ୍ଡିଆନ୍ ରେୟାର ଆର୍ଥସ'ର କର୍ମଚାରୀ ଟି. ଗୋପାଳ ରେଡ୍ଡୀଙ୍କ ସାନ ଭାଇ । ଏହି ଗ୍ରୁପ୍‌ର ଅଧିକାଂଶ ସଦସ୍ୟ ଦିନମଜୁରିଆ କାମ କରୁଥିବା ଶ୍ରମିକ ଥିଲେ ଏବଂ ପଦ୍ମନାଭ ସାହୁ ଓ ତେଲୁ ତାରିଣୀ ନାମକ ଦୁଇଜଣ ସଦସ୍ୟ ଶାରୀରିକ ଭାବେ ଭିନ୍ନକ୍ଷମ ଥିଲେ । ଏହି ଗ୍ରୁପ 'ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ' ପୂର୍ବରୁ ଏହି ଗ୍ରୁପ୍ 'ସୋନି ଟିଭି'ର ଲୋକପ୍ରିୟ ଡ୍ୟାନ୍ସ ଶୋ' 'ବୁଗି ୱୁଗି'ରେ ମଧ୍ୟ ଭାଗ ନେଇସାରିଥିଲା । 'ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ'ର ବିଚାରକ ମଣ୍ଡଳୀରେ ବଲିଉଡ୍ ନିର୍ଦ୍ଦେଶକ ଶେଖର କପୁର, ଅଭିନେତ୍ରୀ କିରଣ ଖେର ଓ ସୋନାଲୀ ବେନ୍ଦ୍ରେ ଥିବା ବେଳେ, ସମସ୍ତେ ଏହାର ନୃତ୍ୟକୁ ଖୁବ ପ୍ରଶଂସା କରିଥିଲେ । ଫାଇନାଲରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ଭଗବାନ ବିଷ୍ଣୁଙ୍କ "ଦଶାବତାର" କଥାବସ୍ତୁ ଉପରେ ଏକ ଅଭୂତପୂର୍ବ ନୃତ୍ୟ ପରିବେଷଣ କରିଥିଲେ । ଏହି ପ୍ରଦର୍ଶନ ସମୟରେ ଗ୍ରୁପ୍‌ର ସମସ୍ତ ସଦସ୍ୟ ନିଜ ସାରା ଶରୀରରେ ଚମକଦାର ରଙ୍ଗ ଲଗାଇଥିଲେ ଏବଂ କୃଷ୍ଣ ମୋହନ ରେଡ୍ଡୀ ନିଜେ ଭଗବାନ ବିଷ୍ଣୁଙ୍କ ଭୂମିକାରେ ଅଭିନୟ କରିଥିଲେ । ଏହି ପ୍ରତିଯୋଗିତାରେ ବିଜେତା ଭାବେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏବଂ







ଏକ ମାରୁତି ରିଟ୍ଜ୍ କାର୍ ପ୍ରଦାନ କରାଯାଇଥିଲା । ଏହାବ୍ୟତୀତ ସେମାନଙ୍କର ଏହି ଅସାଧାରଣ ସଫଳତା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କାର ସହାୟତା ଘୋଷଣା କରାଯାଇଥିଲା ।

## ସୋହିନୀ ମିଶ୍ର

ସୋହିନୀ ମିଶ୍ର ଜଣେ ପ୍ରଚ୍ଛଦପଟ ଓଡ଼ିଆ ଗାୟିକା ଯିଏ ଜାତୀୟସ୍ତରରେ ନିଜ ନାଁକୁ ପରିଚିତ କରାଇଛନ୍ତି । ୨୦୧୨ ମସିହାରେ ସୋନି ଟିଭିରେ ପ୍ରସାରିତ ଇଣ୍ଡିଆନ୍ ଆଇଡଲ୍‌ର ୬ଷ୍ଠ ସଂସ୍କରଣରେ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମରେ ସେ ଶ୍ରେଷ୍ଠ ୬ଜଣଙ୍କ ଭିତରେ ସ୍ଥାନ ପାଇଥିଲେ । ସେ ଏକାଧିକ ଓଡ଼ିଆ ଚଳଚ୍ଚିତ୍ରରେ ଗୀତ ଗାଇଛନ୍ତି । ସୋହିନୀ ମିଶ୍ରଙ୍କ ଘର କଟକ ଜିଲ୍ଲାରେ । ସୋହିନୀଙ୍କ ବାପା ଅନନ୍ତ ଚରଣ ମିଶ୍ର ଏବଂ ମାଆ ପ୍ରମିଳା ମିଶ୍ର । ତାଙ୍କ ବାପା ଓ ମାଆ ଉଭୟ ଗୀତିକାର । ତାଙ୍କ ବାପା ହେଉଛନ୍ତି ଜଣେ ଶିକ୍ଷକ । ସୋହିନୀ ମିଶ୍ର ପାଞ୍ଚ ବର୍ଷ ବୟସରୁ ସଂଗୀତ ଶିକ୍ଷା ଆରମ୍ଭ କରିଥିଲେ । ୮ ବର୍ଷ ବୟସରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା ଆରମ୍ଭ କରିଥିଲେ ।

## ଅବିନାଶ ନାୟକ

ଅବିନାଶ ନାୟକ ହେଉଛନ୍ତି 'ମାଷ୍ଟର ସେଫ୍ ଇଣ୍ଡିଆ' ସିଜିନ୍-୬ର ବିଜେତା । ଗଞ୍ଜାମ ଜିଲ୍ଲା ଆସିକାର ଏହି ଯୁବକ ଜଣେ ଆଇଟି ଇଞ୍ଜିନିୟର ଭାବେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ ମଧ୍ୟ ରୋଷେଇ ପ୍ରତି ତାଙ୍କର ଦୁର୍ବଳତା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଘରଠାରୁ ଦୂରରେ ରହିବା ସମୟରେ ମା'ଙ୍କ ହାତର ରୋଷେଇକୁ ମନେ ପକାଇ ସେ ନିଜେ ରୋଷେଇ କରିବା ଆରମ୍ଭ କରିଥିଲେ । ଏହାପରେ ନିଜର ଖାଦ୍ୟର ଯାଦୁ ସେ ମାଷ୍ଟରସେଫ (ଜାତୀୟ ସ୍ତରୀୟ ଖାଦ୍ୟ ପ୍ରତିଯୋଗିତା) ରେ ଦେଖାଇଥିଲେ । ସେଠାରେ ତାଙ୍କର ବିଭିନ୍ନ ଓଡିଆ ଖାଦ୍ୟକୁ ଆଧୁନିକ ତଡକା ଦେବାର ଶୈଳୀ ଜଜମାନଙ୍କୁ ପସନ୍ଦ ଆସିଥିଲା, ଯାହା ତାଙ୍କୁ ପ୍ରତିଯୋଗିତାର ବିଜେତା କରାଇଥିଲା । ଅବିନାଶଙ୍କ ସବୁଠାରୁ ବଡ଼ ସଫଳତା ହେଉଛି ଓଡ଼ିଶାର ସାଧାରଣ 'କାଞ୍ଜି' କିମ୍ବା 'ପୋଡ଼ ପିଠା' ଭଳି ଖାଦ୍ୟକୁ ଆଧୁନିକ ଢଙ୍ଗରେ ପରିବେଷଣ କରି ଜାତୀୟ ସ୍ତରରେ ପ୍ରଶଂସା ସାଉଁଟିବା । ସେ ବର୍ତ୍ତମାନ ବିଭିନ୍ନ ଫୁଡ୍ ଫେଷ୍ଟିଭାଲ ଏବଂ ସୋସିଆଲ ମିଡିଆ ଜରିଆରେ ଓଡ଼ିଶାର ଖାଦ୍ୟ ସଂସ୍କୃତିକୁ ବିଶ୍ୱବ୍ୟାପୀ ପ୍ରଚାର କରୁଛନ୍ତି । ଓଡ଼ିଶାର ବିଭିନ୍ନ ଖାଦ୍ୟକୁ କିଭଳି ଗିନିଜ ରେକର୍ଡରେ ସାମିଲ କରାଯାଇ ପାରିବ ସେ ଦିଗରେ ମଧ୍ୟ ଅବିନାଶ ଚେଷ୍ଟା ଜାରି ରଖିଛନ୍ତି ।

## ସ୍ମୃତିଶ୍ରୀ ସିଂ

ଅନୁଗୁଳରୁ ଆସିଥିବା ସ୍ମୃତିଶ୍ରୀ ସିଂ 'ମାଷ୍ଟର ସେଫ୍ ଇଣ୍ଡିଆ'ର ଜଣେ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ନିଜର ସ୍ଥାନ ପକ୍କା କରିଥିଲେ । ଜଣେ ହୋଟେଲ ମ୍ୟାନେଜମେଣ୍ଟ ପ୍ରଫେସନାଲ ଭାବେ କ୍ୟାରିୟର ଆରମ୍ଭ କରିଥିବା ସ୍ମୃତିଶ୍ରୀଙ୍କ ଯାତ୍ରା ଏତେ ସହଜ ନଥିଲା । ସେ ଅନେକ ବଡ଼ ବଡ଼ ହୋଟେଲରେ କାମ କରି ଅଭିଜ୍ଞତା ହାସଲ କରିଛନ୍ତି । ପାଶ୍ଚାତ୍ୟ ରୋଷେଇ ସହିତ ଓଡ଼ିଆ ମସଲା ଓ ରନ୍ଧନ ଶୈଳୀର ମିଶ୍ରଣ କରି ସେ ଓଡ଼ିଆ ଖାଦ୍ୟକୁ ଏକ ନୂଆ ରୂପ ଦେଇଛନ୍ତି । ଓଡିଆ ଖାଦ୍ୟକୁ ବିଭିନ୍ନ ଜାତୀୟ ସ୍ତରୀୟ ପ୍ଲାଟଫର୍ମରେ ରିପ୍ରେଜେଣ୍ଟ କରିବାରେ ତାଙ୍କର ଅବଦାନ ଖୁବ ଅଧିକ ରହୁଛି ।

## ରାଜସ୍ମିତା କର

ଜୀ ଟିଭିରେ ପ୍ରସାରିତ ଲୋକପ୍ରିୟ ଡ୍ୟାନ୍ସ ରିଆଲିଟି ସୋ 'ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ' ର ବିଜେତା ଭାବେ ଖ୍ୟାତି ଅର୍ଜନ କରିଥିବା ରାଜସ୍ମିତା କର ହେଉଛନ୍ତି ଜଣେ ଜଣାଶୁଣା ଭାରତୀୟ ନୃତ୍ୟଶିଳ୍ପୀ । ରାଜସ୍ମିତାଙ୍କର ଜନ୍ମ ଓଡ଼ିଶାର ରାଉରକେଲାରେ । ମାତ୍ର ତିନି ବର୍ଷ ବୟସରୁ ରାଜସ୍ମିତା ତାଙ୍କ ଗୁରୁ ଅମନଙ୍କଠାରୁ ତାଲିମ ନେଇ ପ୍ରଥମେ ତରଙ୍ଗ ଟିଭିର ରିଆଲିଟି ସୋ 'ମ୍ୟାଗି ଧୁମ୍ ମଚାଲେ'ରେ ଭାଗ ନେଇ ଫାଇନାଲରେ ପହଞ୍ଚିଥିଲେ । ପରବର୍ତ୍ତୀ ସମୟରେ, କୋଲକାତାରେ ଆୟୋଜିତ 'ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ'ର ପୂର୍ବାଞ୍ଚଳ ଅଡିସନରେ ଶୀର୍ଷ ୧୦୦ ଜଣ ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । ଏହାପରେ କୋଟି କୋଟି ଦର୍ଶକଙ୍କ ନିକଟରୁ ୪,୫୮,୯୩୦ ଭୋଟ ପାଇ ଶେଷରେ ଏହି ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ । ଡିଆଇଡି ବିଜୟ ପରେ ସେ ଆନ୍ତର୍ଜାତୀୟ ମ୍ୟୁଜିକାଲ ଥୀଏଟର ବ୍ରଡୱେ ସୋ 'ଭାରତୀ ୨'ରେ ପ୍ରମୁଖ କଳାକାର ଭାବେ ଭାରତର ପ୍ରତିନିଧିତ୍ୱ କରି ବିଶ୍ୱର ୨୦ଟି ଦେଶର ୧୦୦ରୁ ଅଧିକ ସହରରେ ନିଜର ନୃତ୍ୟ ପରିବେଷଣ କରିଥିଲେ । ଓଡ଼ିଶାରେ ନିଜର ନୃତ୍ୟ ଏକାଡେମୀ ପ୍ରତିଷ୍ଠା କରିବା ସହ ଦେଶର ବିଭିନ୍ନ ପ୍ରାନ୍ତର ବିଦ୍ୟାର୍ଥୀଙ୍କ ପାଇଁ ନୃତ୍ୟ କର୍ମଶାଳା ଆୟୋଜନ କରିଥିବା ରାଜସ୍ମିତା, ଜୀ ସାର୍ଥକ ଚ୍ୟାନେଲର 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ସୁପର ମମ୍‌ସ' (୨୦୧୮), 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ଲିଟିଲ ମାଷ୍ଟର' (୨୦୧୯ ଓ ୨୦୨୦) ଏବଂ 'ଡ୍ୟାନ୍ସ ଯୋଡ଼ି ଡ୍ୟାନ୍ସ'ରେ ନିରନ୍ତର ବିଚାରକ ଭାବେ କାର୍ଯ୍ୟ କରିଛନ୍ତି । ବଲିଉଡ ଓ ଓଲିଉଡ ଇଣ୍ଡଷ୍ଟ୍ରି ସହିତ ନିଜ ୟୁଟ୍ୟୁବ ଚ୍ୟାନେଲ ପାଇଁ ଅନେକ ମ୍ୟୁଜିକ ଭିଡିଓ ଓ ଡ୍ୟାନ୍ସ କଭରରେ ଅଭିନୟ କରିଛନ୍ତି ।



# ଚରିତ୍ର ଖୁବ ଚାଲେଞ୍ଜିଂ

ଛତ୍ରପତି ଶିବାଜୀ ମହାରାଜ'ର କଳାକାର ତାଲିକାରେ ଆଉ ଜଣେ ଷ୍ଟାର ଯୋଡ଼ି ହୋଇଛନ୍ତି । ଅଭିନେତ୍ରୀ ଭୂମି ପେଡନେକର ଏହି ପ୍ୟାନ୍-ଇଣ୍ଡିଆ ପ୍ରୋଜେକ୍ଟରେ ସାମିଲ ହୋଇଥିବାନେଇ ସୂଚନା ମିଳିଛି । ସେ ଏଥିରେ ଐତିହାସିକ ବୀର ଯୋଦ୍ଧା ରାଣୀ ବେଲୱାଡ଼ି ମଲ୍ଲମ୍ମାଙ୍କ ଭୂମିକାରେ ଅଭିନୟ କରିବେ । 'କାନ୍ତାରା' ଫେମ୍ ରିଷଭ ସେଟ୍ଟୀ ମରାଠା ସାମ୍ରାଜ୍ୟର ମହାନ ଶାସକ ଛତ୍ରପତି ଶିବାଜୀ ମହାରାଜଙ୍କ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବେଳେ ଭୂମିଙ୍କ ପାଇଁ ଏହି ଚରିତ୍ର ଖୁବ ଚାଲେଞ୍ଜିଂ । ଏହି ଚଳଚ୍ଚିତ୍ରରେ ଅଭିନୟ କରିବା ତାଙ୍କ ପାଇଁ ଏକ ବଡ଼ ସମ୍ମାନର ବିଷୟବୋଲି ଭୂମି ମତ ଦେଇଛନ୍ତି । ସନ୍ଦୀପ ସିଂହଙ୍କ ନିର୍ଦ୍ଦେଶନା ଓ ପ୍ରଯୋଜନାରେ ଦୁଇଟି ଭାଗରେ ନିର୍ମିତ ହେବାକୁ ଥିବା ଏହି ସିନେମାରେ ରାଜମାତା ଜିଜାବାଈଙ୍କ ଭୂମିକାରେ ଶେଫାଳୀ ଶାହାଙ୍କ ସମେତ ଅର୍ଜୁନ ରାମପାଲ ଏବଂ ବିବେକ ଓବରୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ଫିଲ୍ମଟି ୨୦୨୭ ଜାନୁଆରୀ ୨୧ରେ ରିଲିଜ ହେବାପାଇଁ ଯୋଜନା ରହିଛି ।







# ବଢୁଛି ଅଡୁଆ

ରିଆଲିଟି ସୋ 'ଲକ୍ ଅପ୍: ସର୍ ୟା ସଜା'ର ସଦ୍ୟତମ ଅଧ୍ୟାୟରେ ପ୍ରତିଯୋଗୀମାନଙ୍କୁ ସାକ୍ଷାତ କରିବା ପାଇଁ ଅତିଥିମାନେ ପ୍ରବେଶ କରିଥିବା ବେଳେ, ଅଭିନେତ୍ରୀ ଶିଲ୍ପା ଶିନ୍ଦେ ଏବଂ ତାଙ୍କ ପୁରୁଣା ବନ୍ଧୁ ବିକାଶ ଗୁପ୍ତାଙ୍କ ସାମ୍ନାସାମ୍ନିକୁ ନେଇ ଜୋରଦାର ହଙ୍ଗାମା ସୃଷ୍ଟି ହୋଇଛି । ଫାଇନାଲ୍ ସପ୍ତାହର ଟାସ୍କ ସମୟରେ ବିଶେଷ ଅତିଥି ଭାବେ ଘର ଭିତରକୁ ଆସିଥିବା ବିକାଶ ଗୁପ୍ତା, ସହ-ପ୍ରତିଯୋଗୀ ଶିବାଙ୍ଗୀ ଯୋଶୀ ଏବଂ ରାମ କପୁରଙ୍କ ବିରୋଧରେ ଶିଲ୍ପା କରିଥିବା ଆପତ୍ତିଜନକ ମନ୍ତବ୍ୟ ପାଇଁ ତାଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ଶିଲ୍ପାଙ୍କ ସହ କଥା ହେବାକୁ ସିଧାସଳଖ ମନା କରିବା ସହ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କ ସାମ୍ନାରେ ବିକାଶ କହିଥିଲେ ଯେ ନ୍ୟାସନାଲ୍ ଟିଭିରେ ଜଣେ ମହିଳାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଏପରି ନିମ୍ନରୁଚିର ଆଲୋଚନା କରିବା ଠିକ ନୁହେଁ । ସେହିଭଳି ରାମ କପୁରଙ୍କ ଶରୀର ଗଠନକୁ ନେଇ କଟାକ୍ଷ କରିବା ଅତ୍ୟନ୍ତ ଲଜ୍ଜାଜନକ । ସେ ଶିଲ୍ପାଙ୍କର କୌଣସି କଥାକୁ ଶୁଣିନଥିବା ଦେଖିବାକୁ ମିଳିଥିଲା । ଏହାର ପ୍ରଭାବ ସେମାନଙ୍କ ସମ୍ପର୍କ ଉପରେ ପଡିଥିବା ନେଇ ବର୍ତ୍ତମାନ ଆଲୋଚନା ଜାରି ରହିଛି ।

# ମୃଣାଳଙ୍କ କ୍ରିକେଟ ପ୍ରେମ

ବଲିଉଡ୍ ଏବଂ ଭାରତୀୟ କ୍ରିକେଟ୍ ତାରକାଙ୍କ ପ୍ରେମ କାହାଣୀ ସଦାବେଳେ ଚର୍ଚ୍ଚାରେ ରହିଥାଏ । ଏବେ ଏହି ତାଲିକାରେ ଆଉ ଏକ ନୂଆ ନାଁ ଯୋଡ଼ି ହୋଇଛି । ବଲିଉଡ୍ ଓ ସାଉଥ୍ ଅଭିନେତ୍ରୀ ମୃଣାଳ ଠାକୁର ଏବଂ ଟିମ୍ ଇଣ୍ଡିଆର ଯୁବ ବ୍ୟାଟ୍ସମ୍ୟାନ୍ ଯଶସ୍ୱୀ ଜଏସ୍ୱାଲ ପରସ୍ପରକୁ ଡେଟ୍ କରୁଥିବା ନେଇ ସୋସିଆଲ୍ ମିଡିଆରେ ଜୋରଦାର ଚର୍ଚ୍ଚା ଚାଲିଛି । ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଥିବା ଏକ କାଫେରୁ ଦୁହେଁ ବାହାରୁଥିବାର ଏକ ଭିଡିଓ ଭାଇରାଲ୍ ହେବା ପରେ ଏହି ସନ୍ଦେହ ବଢ଼ିଛି । ଭିଡିଓରେ ପ୍ରଥମେ ମୃଣାଳ କାଫେକୁ ଯାଉଥିବା ଦେଖାଯାଇଥିବା ବେଳେ, ତାଙ୍କର କିଛି ସମୟ ପରେ ଯଶସ୍ୱୀ ସେହି କାଫେରୁ ବାହାରି ନିଜ ଗାଡ଼ି ଆଡ଼କୁ ଯାଉଥିବା ଦେଖିବାକୁ ମିଳିଛି । ଦୁହେଁ ଏକାଠି କୌଣସି ପୋଜ୍ ଦେଇ ନଥିଲେ ବି, ଏକା ସମୟରେ ଗୋଟିଏ ସ୍ଥାନରୁ ବାହାରିବା ଲୋକଙ୍କ ଚର୍ଚ୍ଚାର ଖୋରାକ ଯୋଗାଇଛି । ଏହା ସହିତ ଦୁହିଁଙ୍କ ମଧ୍ୟରେ ଥିବା ବୟସର ପାର୍ଥକ୍ୟକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି; ମୃଣାଳଙ୍କ ବୟସ ୩୩ ବର୍ଷ ହୋଇଥିବା ବେଳେ ଯଶସ୍ୱୀଙ୍କ ବୟସ ୨୪ ବର୍ଷ, ଅର୍ଥାତ୍ ମୃଣାଳ ଯଶସ୍ୱୀଙ୍କଠାରୁ ୯ ବର୍ଷ ବଡ଼ । ଏହି ଭିଡିଓ ସାମ୍ନାକୁ ଆସିବା ପରେ ଉଭୟ ଫିଲ୍ମ ଓ କ୍ରିକେଟ୍ ପ୍ରଶଂସକମାନେ କମେଣ୍ଟ କରି ନିଜର ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ।



# କଠିନ ହେଉଛି ପ୍ରତି ସିଜିନ

ଏକ୍ସକ୍ଲୁସିଭ୍ ସାକ୍ଷାତକାରରେ ଅଭିନେତ୍ରୀ ଜାସମିନ୍ ଭସିନ୍ 'ଖତରୋଁ କେ ଖିଲାଡ଼ି ୧୫'ରେ ନିଜର ଅନୁଭୂତି ବିଷୟରେ ଆଲୋଚନା କରିବା ସହ ଏହି ସଂସ୍କରଣକୁ ଏପର୍ଯ୍ୟନ୍ତର ସବୁଠାରୁ କଠିନ ସିଜନ୍ ବୋଲି ଅଭିହିତ କରିଛନ୍ତି । ଏହି ଷ୍ଟଣ୍ଟ-ଆଧାରିତ ରିଆଲିଟି ସୋ' ବାବଦରେ ଜାସମିନ୍ ପ୍ରକାଶ କରିଛନ୍ତି ଯେ 'ଖତରୋଁ କେ ଖିଲାଡ଼ି' ଭଳି ଶୋ ପାଇଁ କୌଣସି ସ୍ଥାନରେ ବି ତାଲିମ ମିଳିନଥାଏ । ପ୍ରତିବର୍ଷ ଏହା ପୂର୍ବ ଅପେକ୍ଷା ଆହୁରି କଠିନ ହେବାରେ ଲାଗିଛି । ଏଥରର ସିଜନ୍ ଆଜି ପର୍ଯ୍ୟନ୍ତର ସବୁଠାରୁ ବିପଜ୍ଜନକ ଓ କଷ୍ଟସାଧ୍ୟ ଥିଲା ବୋଲି ସେ ପ୍ରକାଶ କରିଛନ୍ତି । ନିଜର ଭୟର ସାମ୍ନା କରିବା, ଧୈର୍ଯ୍ୟ ରଖିବା ଏବଂ ପୁଣି ଥରେ ଦୃଢ଼ତାର ସହ ପ୍ରତ୍ୟାବର୍ତ୍ତନ କରିବା ନିଶ୍ଚିତ ଭାବେ ଏହି ଶୋ'ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ । ଏଥିରେ ଭାଗନେବା ଫଳରେ ତାଙ୍କର ଅନେକ କିଛି ଉପକାର ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି ।

# ସତ ନା ଗୁଜବ

ଫିଲ୍ମ ନିର୍ମାତା ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଆଗାମୀ ଆକ୍ସନ୍-ଥ୍ରିଲର୍ ସିନେମା 'ସ୍ପିରିଟ୍'ରେ ପ୍ରଭାସଙ୍କୁ ଏକ ଦମ୍‌ଦାର୍ ଅବତାରରେ ଦେଖିବାକୁ ମିଳିବ, ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ରହିଛି । ଏହି ବିଗ୍-ବଜେଟ୍ ପ୍ରୋଜେକ୍ଟରେ ବଲିଉଡ୍ ସୁପରଷ୍ଟାର୍ କ୍ୟାଟ୍ରିନା କୈଫ ଏକ ସ୍ୱତନ୍ତ୍ର ଭୂମିକାରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଥିଲା । ତେବେ ଏହି ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସ୍ପଷ୍ଟ ହୋଇଛି । ପ୍ରଥମେ ଦୀପିକା ପାଦୁକୋନ୍ ଏହି ଚଳଚ୍ଚିତ୍ରରୁ ଓହରିଯିବା ପରେ ତୃପ୍ତି ଡିମ୍ରି ପ୍ରଭାସଙ୍କ ବିପକ୍ଷରେ ମୁଖ୍ୟ ନାୟିକା ଭାବେ ନଜର ଆସିବେ ବୋଲି କୁହାଯାଉଥିଲା । କିନ୍ତୁ କ୍ୟାଟ୍ରିନା ଏହି ଫିଲ୍ମ ସାହାଯ୍ୟରେ କମବ୍ୟାକ କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । ହେଲେ ନିକଟରେ ଏହାକୁ ଗୁଜବ ବୋଲି ମଧ୍ୟ କିଛି ଆଲୋଚନା ହେଉଛି । ତେବେ ଏହା ସତ କି ଗୁଜବ ତାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି ।



# ଆସିଲା ବରଷା ଆସିଲା

ଆସିଲା ବରଷା ଆସିଲା
ଖରା ଝାଞ୍ଜି ବାଆ
କୁଆଡେ ହଟିଲା
ଗ୍ରୀଷମ ଋତୁକୁ ନାଶିଲା ॥
ଆସିଲା ବରଷା ଆସିଲା
ନୀଳ ଆକାଶରେ
ବିଜୁଳି ଖେଳିଲା
କଳା ମେଘ ଖଣ୍ଡ ଭାସିଲା ॥
ଆସିଲା ବରଷା ଆସିଲା
ଟାଙ୍ଗରା ଭୂଇଁରେ
ଘାସର ଗାଲିଚା
ସବୁଜିମା ଭରା ଦିଶିଲା ॥
ଆସିଲା ବରଷା ଆସିଲା
ଶୁଖିଲା ଗଡ଼ିଆ
ପୋଖରୀ ନାଳରେ
ପେଟେ ହୋଇ
ପାଣି ପଶିଲା ॥
ଆସିଲା ବରଷା ଆସିଲା
ଗହୀର କ୍ଷେତରେ
ବରଷା ନାଚିଲା
ଚାଷୀ ହଳ ନେଇ ଚଷିଲା ॥
ଆସିଲା ବରଷା ଆସିଲା
ସାତ ରଙ୍ଗ ଧରି
ଇନ୍ଦର ଧନୁଟା
ଆକାଶର କୋଳେ ବସିଲା ॥
ଆସିଲା ବରଷା ଆସିଲା
ଭଳି ଭଳି ଫୁଲ
କେତକୀ ତମାଳ
ମହ ମହ ହୋଇ ବସିଲା ।
ଆସିଲା ବରଷା ଆସିଲା
ନେଳି ପୋଖରୀରେ
ନାଲି କାଇଁ ଫୁଲ
ଖିଲି ଖିଲି ହୋଇ ହସିଲା ।

**ଭୁବନାନନ୍ଦ ପାଣିଗ୍ରାହୀ**
ଗେଡ଼ିଆପଲ୍ଲୀ, ଖୋର୍ଦ୍ଧା
ମୋ: ୯ ୯୩୭ ୭୨୪୩୧୨

# ଝଡ଼ି ବରଷା

ଝଡି ବରଷା ତ ଲାଗି ଅଛି ଏବେ
ବାହାରକୁ ଯାଇ ହେଉ ନାହିଁ
ଜରୁରୀ ନ ଥିଲେ ବାହାର ଯିବାକୁ
ତରବର ହେବା କାହିଁ ପାଇଁ ॥
ରାସ୍ତା ଘାଟ କୂଅ ପୋଖରୀ ସବୁଠି
ଦିଶୁ ଅଛି ଖାଲି ଜଳମୟ
ଚାଷୀ ଭାଇ ତାର କାମେ ଲାଗି ଅଛି
କେତେବେଳେ ଟିକେ ନାହିଁ ଥୟ ॥
ଛତା ଧରି ଅବା ବରଷାତି ପିନ୍ଧି
ଗଲେ ବି ସୁବିଧା ହେଉ ନାହିଁ
ମାଆ କହୁଥାନ୍ତି ଏତେ ବରଷାରେ
ପଦାକୁ ଯାଉଛ କାହିଁ ପାଇଁ ॥
ବେଙ୍ଗ ବେଙ୍ଗୁଲୀଙ୍କ ରାବ ଶୁଭୁ ଅଛି
ସଞ୍ଜ ବେଳ ଟିକେ ହେଉ ହେଉ
ବରଷା ଝଡିରେ ଲିଭି ଯାଉ ଅଛି
ମାଆ ସଞ୍ଜବତୀ ଦେଉ ଦେଉ ॥
ଅଜା ଆଈ ଆମ ପକୁଡ଼ି ସାଥୀରେ
ମୁଢ଼ି ଖାଉଛନ୍ତି ହସି ହସି
ଡାକୁଥାନ୍ତି ଆରେ ନାତି ଟୋକା ଆ '
ମୁଢ଼ି ଦି'ଟା ଖା ପାଖେ ବସି ॥

**କୀର୍ତ୍ତନ ସାହୁ**
ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮ ୪୧୪୭୦୧



# ବରଷା ଯାଉଛି ଝରିଝରି

ବରଷା ଯାଉଛି ଝରିଝରି
ଚାଷୀ ଭାଇ ଯାଏ ଥରିଥରି
ବେଉଷଣ, ତଳିରୁଆ କରେ ସିଏ
ରହେନି ବର୍ଷାକୁ ଡରିଡରି ॥
ଗାଈଆଳ ଭାଇ ତରତର
ପାଣିକାଦୁଅରେ ସରସର
ଝାମ୍ପିଟିଏ ସିଏ ମୁଣ୍ଡରେ ଦେଇକି
ଗାଈ ନିଏ ବୁଲି ଘରଘର ॥
ନଈ ପାଣି ହୁଏ କଳକଳ
ନଈବଢ଼ି ଦିଶେ ଜଳଜଳ
ନାଉରୀ ବାହୁଛି ହାତେ କାତ ଧରି
ନାଆ ହେଉଅଛି ଟଳଟଳ ॥
ବେପାରୀ ଭାଇ ହେ ରୁହରୁହ
କଅଣ ଆଣିଛ କୁହକୁହ
ବରଷା ପାଗରେ ବିଶ୍ରାମ ନ ନେଇ
କାହିଁକି ଗଣ୍ଠୁଲି ବୁହବୁହ ॥
ମେଘ ବରଷୁଛି ଘନଘନ
ଛେଳି ଛୁଆ ମନ କନକନ
ବରଷା ହେଲେ ବି ଚରିବାକୁ ଯିବ
ଗଛପତ୍ର ଦିଶେ ଛନଛନ ॥
ମେଘ ଛାଡିବାକୁ ଚାହିଁଚାହିଁ
ଯେତେ କରିଲେ ବି ନାହିଁନାହିଁ
ଗୋପାଳ ଯାଇଛି ଫେରି ଆସୁନାହିଁ
କୁଆଡ଼େ ଗଲା ସେ କାହିଁକାହିଁ ॥
ବରଷା ବିଷୟେ ଶୁଣିଶୁଣି
ବରଷାର ଗୁଣ ଗୁଣିଗୁଣି
ବରଷା ବିଷୟେ ରଚନା ଲେଖିବା
ସମସ୍ତ ତଥ୍ୟକୁ ବୁଣିବୁଣି ॥

**ନିରଞ୍ଜନ ସାହୁ**
ନିହଲ ପ୍ରସାଦ, ଗଁଦିଆ ପାଟଣା,
ଢେଙ୍କାନାଳ
ମୋ: ୯ ୯୩୮ ୭୪୧୫୮୩

# ହେ ଶ୍ରାବଣ

ତୁମ ଅବିଶ୍ରାନ୍ତ ଜଳ ଧାରେ
ଭିଜୁ ଥାଏ ଏ ମାଟି ମା'ର ପଣତ
ହେ ଶ୍ରାବଣ ତୁମେ ଗଲାପରେ
ସତେ ଲାଗେ ଧରିତ୍ରୀଟା ଶୁଖିଲା ଅତୀତ ॥
ତୋର ବୁନ୍ଦା ଜଳଧାରେ ଥାଏ
କେତେ ଅମୃତ ପ୍ରେମର ଧାରା
ଯେମିତି ଦୁନିଆଁ ଅପେକ୍ଷାରେ ଥାଏ
ଚାତକର ଶୋଷ ମେଣ୍ଟିଯିବ ପରା ॥
ଆଗମାନେ ପକ୍ଷୀଟିର ନିଡ଼ ଯାଏ ଭାଙ୍ଗି
ଓଦା ହୋଇଯାଏ କଁଅଳ ପର ଗୁଡ଼ା
କୁନିକୁନି ଶାବକ ଗୁଡ଼ା କିଁଚିରି ମିଚିରି କରି
ଲିଭାଇଥାଏ ତା ଡେଣାର ପୀଡ଼ା ॥
ପିମ୍ପୁଡି ଗୁଡ଼ା ମଳା ଲାଗି
ଧରାଧରି ଏକା ସାଙ୍ଗ ସାଥିରେ
ବେଙ୍ଗୁଲୀ ଟା ରାବ ଛାଡ଼େ
ଗାତ ଟା ତା ପୁରି ଥାଏ ପାଣିର ସୁଅରେ ॥
କୃଷକ ଟା ଥାଏ ଚିନ୍ତାରେ
ଅପେକ୍ଷା ତା ଚାଷ ବାସ କରିବା ପାଇଁ
କିନ୍ତୁ ଅତ୍ୟଧିକ ଜଳଦେଇ
ଶ୍ରାବଣ ଟା ତାକୁ ଦିଏ କନ୍ଦାଇ ॥
ପାଦପର ସବୁଜ ପତ୍ରଗୁଡ଼ା
ଆଲିଙ୍ଗନ କରେ ଧରିତ୍ରୀର ବକ୍ଷକୁ
ଫୁଲେଇ ଇଂଦ୍ରଧନୁ ବିଛାଏ
ସପ୍ତରଙ୍ଗ ଓଢଣିରେ ନୀଳ ଅମ୍ବୁଜକୁ ॥
ହେ ଶ୍ରାବଣ ଚାଲିଯିବ ସୁଖ ଦୁଃଖ
ସଙ୍ଗେ ଦେଇ କେତେ ଯେ ବିରହ ବେଦନା
କବିର ଲେଖନୀ ହୁଏ
ତୁମ ପରଶରେ କେତେ' ଅନାବନା ॥

**ଭଗବତ ଦତ୍ତ**
ମେଳକ, ଯାଜପୁର
ମୋ: ୯ ୭ ୭ ୬୨୦୩୩୩୦୦

# ଷ୍ଟ୍ରିଟ୍ ଷ୍ଟାଇଲ






**ଆଜିକାଲି 'ଷ୍ଟ୍ରିଟ୍ ଷ୍ଟାଇଲ୍' କୁ ସମସ୍ତେ ଖୁବ ପସନ୍ଦ କରିବାରେ ଲାଗିଛନ୍ତି । ବିଶେଷଭାବେ ଯୁବପିଢିଙ୍କର ଏହା ପ୍ରଥମ ପସନ୍ଦ ପାଲଟିଛି । କେବଳ ରାମ୍ପ ଶୋ ନୁହେଁ ଏହାକୁ ବର୍ତ୍ତମାନ ସବୁଦିନିଆ ପିନ୍ଧିବା ଶୈଳୀରେ ମଧ୍ୟ ସାମିଲ କରାଯାଉଛି । ଆସନ୍ତୁ ସେହିଭଳି କିଛି ଷ୍ଟ୍ରିଟ ଷ୍ଟାଇଲ ସମ୍ପର୍କରେ ଜାଣିବା ।**



## ଓଭରସାଇଜ୍ଡ୍

ଷ୍ଟ୍ରିଟ୍ ଫ୍ୟାସନ୍‌ରେ ଓଭରସାଇଜ୍ଡ୍ ପୋଷାକର ଚାହିଦା ସବୁଠାରୁ ଅଧିକ । ଲମ୍ବା, ଓଭରସାଇଜ୍ଡ୍ ଗ୍ରାଫିକ୍ ଟି-ସାର୍ଟକୁ ଆପଣ ସିଧାସଳଖ ଡ୍ରେସ୍ ଭାବେ ପିନ୍ଧିପାରିବେ । ଏହା ସହିତ ସ୍ନିକର୍ସ ଏବଂ ଏକ ସ୍ମାର୍ଟ ବେଲ୍ଟ ବ୍ୟବହାର କଲେ ଏହା ଏକ ପ୍ରଫେସନାଲ୍ ତଥା କାଜୁଆଲ୍ ଲୁକ୍ ଦେଇଥାଏ ।

## କାର୍ଗୋ ପ୍ୟାଣ୍ଟସ ଏବଂ କ୍ରପ୍ ଟପ୍

ଗତ କିଛି ବର୍ଷ ହେବ କାର୍ଗୋ ପ୍ୟାଣ୍ଟସ ଷ୍ଟ୍ରିଟ୍ ଷ୍ଟାଇଲ୍‌ର ପ୍ରମୁଖ ଅଂଶ ପାଲଟିଛି । ଢିଲା କାର୍ଗୋ ପ୍ୟାଣ୍ଟ ସହ ଫିଟେଡ୍ କ୍ରପ୍ ଟପ୍ କିମ୍ବା ଟ୍ୟାଙ୍କ ଟପ୍ ପିନ୍ଧିବା ଦ୍ୱାରା ଶରୀରର ବାଲାନ୍ସ ସୁନ୍ଦର ଦେଖାଯାଏ । ଏହା ସହ ଏକ ଓଭରସାଇଜ୍ଡ୍ ଜ୍ୟାକେଟ୍ ଲେୟାରିଂ ଆହୁରି ଆକର୍ଷଣୀୟ ଲୁକ ଦେଇଥାଏ ।

## ଡେନିମ୍-ଅନ୍-ଡେନିମ୍

ଡେନିମ୍ କେବେବି ଆଉଟ୍-ଅଫ୍-ଫ୍ୟାଶନ୍ ହୁଏନାହିଁ । ଆପଣ ଜିନ୍ସ ସହ ଡେନିମ୍ ଜ୍ୟାକେଟ୍ ପିନ୍ଧିପାରିବେ କିମ୍ବା କୌଣସି ସିମ୍ପଲ୍ କର୍ଟନ୍ ଡ୍ରେସ୍ ଉପରେ ଏକ ଓଭରସାଇଜ୍ଡ୍ ଡେନିମ୍ ଜ୍ୟାକେଟ୍‌କୁ କାନ୍ଧରେ ପକାଇ ଷ୍ଟ୍ରିଟ୍-ଚିକ୍ ଲୁକ୍ ପାଇପାରିବେ ।

## କାଜୁଆଲ୍ ସ୍ପୋର୍ଟି କୋ-ଓର୍ଡ ସେଟ୍

ଜୋଗର୍ସ, ଟ୍ରାକ୍ ସୁଟ୍ କିମ୍ବା ମ୍ୟାଚିଂ କୋ-ଓର୍ଡ ସେଟ୍ ଗୁଡ଼ିକ ଆଥଲେଜର ଷ୍ଟାଇଲ୍ ପାଇଁ ଜଣାଶୁଣା । ଏହି ପୋଷାକଗୁଡ଼ିକ ଯେତିକି କମ୍ଫର୍ଟେବୁଲ୍, ସେତିକି ଷ୍ଟାଇଲିସ୍ । ଏହା ସହିତ ସନ୍‌ଗ୍ଲାସ୍ ଏବଂ ବାସ୍କେଟବଲ୍ ସ୍ନିକର୍ସ ପିନ୍ଧି ଆପଣ ଷ୍ଟ୍ରିଟ୍ ଷ୍ଟାଇଲ୍‌କୁ ସମ୍ପୂର୍ଣ୍ଣ କରିପାରିବେ ।

## ଇଣ୍ଡୋ-ୱେଷ୍ଟର୍ନ ଫ୍ୟୁଜନ୍

ଭାରତୀୟ ଷ୍ଟ୍ରିଟ୍ ଫ୍ୟାଶନ୍‌ରେ ସବୁଠାରୁ ଟ୍ରେଣ୍ଡିଂ ହେଉଛି ଫ୍ୟୁଜନ୍ ଲୁକ୍ । ଷ୍ଟ୍ରେଟକଟ୍ କୁର୍ତ୍ତି ସହ ଜିନ୍ସ ଏବଂ ହ୍ୱାଇଟ୍ ସ୍ନିକର୍ସ, କିମ୍ବା ଶାଢ଼ୀ ସହ ଡେନିମ୍ ଜ୍ୟାକେଟ୍ ପିନ୍ଧିବା ଦ୍ୱାରା ଏକ ପାରମ୍ପରିକ ଏବଂ ଆଧୁନିକ ରୂପ ମିଳିଥାଏ ।




# ପୋଷ୍ୟ ଗଛ ଗ୍ରହଣ

ଶାନ୍ତିନିକେତନର ଶିକ୍ଷାର ପରମ୍ପରା ଭିତରେ ୨୯ ବର୍ଷୀୟ ସୋମନାଥ ଘୋଷଙ୍କର ଏକ ନୂଆ ଭାବନାକୁ ବାସ୍ତବ ରୂପ ଦେଇଛନ୍ତି । ତାଙ୍କ ଦ୍ୱାରା ଗଠିତ 'ବୃକ୍ଷ ଫାଉଣ୍ଡେସନ୍' ନିଜକୁ ଭାରତର ପ୍ରଥମ "ଗଛମାନଙ୍କ ଅନାଥ ଆଶ୍ରମ" ଭାବେ ପରିଚିତ କରାଇଛି । ସୋମନାଥଙ୍କ ମତରେ ଗଛ ଦୁଇଟି ଉପାୟରେ ଅନାଥ ହୁଏ । ପ୍ରଥମଟି, ଯେତେବେଳେ କୌଣସି କାରଣ ନଥାଇ ଏହାକୁ କାଟି ଦିଆଯାଏ । ଦ୍ୱିତୀୟଟି, ଯେତେବେଳେ ପ୍ରଚାର ଓ ଫଟୋ ଉଠାଇବା ପାଇଁ ଗଛ ଲଗାଯାଏ ଏବଂ ପରେ ତାହାକୁ ଯତ୍ନ ନନେଇ ଛାଡ଼ି ଦିଆଯାଏ । ତାଙ୍କର ଏହି ପ୍ରୟାସ ଏବେ ପରିବେଶ ସୁରକ୍ଷା କ୍ଷେତ୍ରରେ ଏକ ଅଭିନବ ପଦକ୍ଷେପ ପାଲଟିଛି । ଏହି ଅଭିଯାନର ପ୍ରମୁଖ ଦିଗ ହେଲା ସୁରକ୍ଷା ଓ ଅଭିଭାବକତ୍ୱ । ଯଦି ଅନାଥ ଶିଶୁମାନଙ୍କ ପାଇଁ ଆଶ୍ରମ ରହିପାରିବ, ତେବେ ଅବହେଳିତ ଗଛମାନଙ୍କ ପାଇଁ କାହିଁକି ଏକ ସୁରକ୍ଷା ବ୍ୟବସ୍ଥା ହୋଇପାରିବ ନାହିଁ ? ଏହି ପ୍ରଶ୍ନରୁ 'ବୃକ୍ଷ ଫାଉଣ୍ଡେସନ୍'ର ଜନ୍ମ । ଏହା କେବଳ ଗଛ ଲଗାଏ ନାହିଁ, ବରଂ ଗଛର ପୋଷଣ, ତଦାରଖ ଓ ସୁରକ୍ଷା ଦାୟିତ୍ୱ ନିଏ । ସୋମନାଥ ନିଜର ଏକ ମଲ୍ଟିମିଡିଆ ଷ୍ଟୁଡିଓ (କ୍ୟାମେରା, ଡ୍ରୋନ୍, ଏଡିଟିଂ ସିଷ୍ଟମ୍) ତିଆରି କରିଥିଲେ । କିନ୍ତୁ ବର୍ଦ୍ଧମାନ ଜଙ୍ଗଲ ବିଭାଗ ସହ କାମ କରିବା ସମୟରେ ଜଙ୍ଗଲରେ ରହିବାର ଅନୁଭୂତି ତାଙ୍କ ଜୀବନର ଲକ୍ଷ୍ୟ ବଦଳାଇ ଦେଇଥିଲା । ସେ ବୁଝିପାରିଥିଲେ ଯେ ଲୋକଙ୍କର ଗଛ ଲଗାଇବାର ଇଚ୍ଛା ଅଛି, କିନ୍ତୁ ସେଗୁଡ଼ିକୁ ବଞ୍ଚାଇ ରଖିବାର ସଠିକ୍ ବ୍ୟବସ୍ଥା ନାହିଁ । ଲକଡାଉନ୍ ସମୟରେ ସୋମନାଥ ଏବଂ ତାଙ୍କର ସ୍ୱେଚ୍ଛାସେବୀ ଦଳ 'ହେଲ୍ପିଂ ହ୍ୟାଣ୍ଡସ୍' ଗଠନ କରି ୧୫୦ ଦିନ ଧରି ବୁଲା କୁକୁରମାନଙ୍କୁ ଆହାର ଯୋଗାଇଥିଲେ । ବୃଦ୍ଧବୃଦ୍ଧାଙ୍କୁ ଔଷଧ ଦେଇଥିଲେ ଏବଂ ଅମ୍ଫାନ ବାତ୍ୟା ପରେ ସୁନ୍ଦରବନରେ ରିଲିଫ୍ ବାଣ୍ଟିଥିଲେ । ତେବେ ଗଛମାନଙ୍କୁ ସୁରକ୍ଷା ଦେବା ପାଇଁ ସେ ଏକ ବ୍ୟବସ୍ଥା ଆରମ୍ଭ କରିଛନ୍ତି ଅନଲାଇନ୍ 'ପୋଷ୍ୟ' । ଯେକୌଣସି ବ୍ୟକ୍ତି ୬୦୦ ଟଙ୍କା ଦେଇ ଅନଲାଇନ୍‌ରେ ଗୋଟିଏ ସ୍ଥାନୀୟ ପ୍ରଜାତିର ଗଛକୁ 'ପୋଷ୍ୟ' ନେଇପାରିବେ । ଫାଉଣ୍ଡେସନ୍ ସୋନାଝୁରୀ ଜଙ୍ଗଲ ଏବଂ ଚାଷୀମାନଙ୍କ ଜମିରେ ଏହି ଗଛ ଲଗାଇବା ସହ ୩ ବର୍ଷ ପର୍ଯ୍ୟନ୍ତ ଏହାର ମାଟି ପ୍ରସ୍ତୁତି, ବାଡ ଦେବା, ଓ ନିୟମିତ ତଦାରଖ କରିଥାଏ । ୨୦୨୧ ରୁ ୨୦୨୬ ମଧ୍ୟରେ ଫାଉଣ୍ଡେସନ୍ ୨,୦୦୦ରୁ ଅଧିକ ଗଛ ଲଗାଇସାରିଛି ଏବଂ ୯୫% ଗଛ ବଞ୍ଚି ରହିଛି । ପ୍ରତ୍ୟେକ ଗଛ ପୋଷ୍ୟ ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଏକ 'ଗ୍ରୀନ୍ ହିରୋ ସାର୍ଟିଫିକେଟ୍' ଏବଂ ଜିଓ-ଟ୍ୟାଗ୍ ଲୋକେସନ୍ ଦିଆଯାଏ । ଫଳରେ ଲୋକେ ଘରେ ବସି ନିଜ ଗଛର ବୃଦ୍ଧି ଅନଲାଇନ୍‌ରେ ଦେଖିପାରନ୍ତି । ସୋମନାଥ କେବଳ ଗଛ ସଂଖ୍ୟା ବଢ଼ାଇବାକୁ ଚାହାନ୍ତି ନାହିଁ, ବରଂ ଏକ ପ୍ରକୃତ ଜଙ୍ଗଲ ତିଆରି କରିବାକୁ ଚାହାନ୍ତି । ସେଥିପାଇଁ ସେ କେବଳ ଗୋଟିଏ ପ୍ରଜାତିର ଗଛ ନଲଗାଇ ନିମ୍ବ, ଶାଳ, କଦମ୍ବ, ବର, ଓ ଓସ୍ତ ଭଳି ବିବିଧ ବୃକ୍ଷ ରୋପଣ କରନ୍ତି । ମିଶନ୍ କ୍ଲିନ୍ ଶାନ୍ତିନିକେତନ' ଅଧୀନରେ ବୃକ୍ଷ ଫାଉଣ୍ଡେସନ୍ କୋପାଇ ନଦୀରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଫା କରିବା ସହ ଆଦିବାସୀ ଗ୍ରାମଗୁଡ଼ିକରେ ଜୈବିକ ଚାଷ ଶିକ୍ଷା ଦେଉଛି । ତାଙ୍କର ଏହି ଅଭିନବ ଉପାୟ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

**ସାଧାରଣତଃ ସମସ୍ତେ ଗଛ ଲଗାଇବାକୁ ପରାମର୍ଶ ଦେଇଥାଆନ୍ତି, ହେଲେ ଗଛ ପୋଷ୍ୟ ନେବା କଥା କେହିକେବେ କଳ୍ପନା କରିନଥିବେ । ହେଲେ ଜଣେ ଯୁବକ ବର୍ତ୍ତମାନ ଖୁବ ଭାଇରାଲ ହେଉଛନ୍ତି, ସେ ଗଛ ଲଗାଇବା ପରିବର୍ତ୍ତେ ଗଛ ପୋଷ୍ୟ ଦେଉଛନ୍ତି ।**





## ମୃଣାଳ

ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

# ମିଶ୍ର ଶାଳ

ଓଡ଼ିଆ ଘରର ହଜିଯାଉଥିବା ଓ ହଜିଯାଇଥିବା ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁଗୁଡିକୁ ଜନସ୍ମୃତିରେ ଜୀବିତ ରଖିବାର ଅନନ୍ୟ ପ୍ରୟାସ କରି ଅଧ୍ୟାପକ-ସାହିତ୍ୟିକ ଅଜୟ ମିଶ୍ର ଏକ ସଂଗ୍ରହାଳୟ ପ୍ରତିଷ୍ଠା କରିଛନ୍ତି। ନାଁ ଦେଇଛନ୍ତି 'ମିଶ୍ର ଶାଳ'। ଓଡ଼ିଆ ଘରେ ଘରକରଣାଠାରୁ ଅରମ୍ଭ କରି ପୂଜା, ଦ୍ରବ୍ୟ ସଂରକ୍ଷଣ ତଥା କୃଷି ଆଦି ବିବିଧ କାର୍ଯ୍ୟରେ ବ୍ୟବହୃତ




ପାରମ୍ପରିକ ସାମଗ୍ରୀକୁ ସେ ନିଜେ ହାତୁଡି, ନିହାଣ, ମୁଗୁର ଓ ବଟାଳିରେ ଛୋଟ ଆକାରରେ ତିଆରି କରି ଏ ସଂଗ୍ରହାଳୟରେ ସଜେଇ ରଖିଛନ୍ତି। ସଂଗ୍ରହାଳୟଟି ଆକାରରେ ଛୋଟ। କଟକ ସହରର ମଧୁପାଟଣାରେ ନିଜ ବାସଭବନର ଗୋଟିଏ ଶହେ ବର୍ଗଫୁଟର ପ୍ରକୋଷ୍ଠରେ ଏହାକୁ ସ୍ଥାପନ କରିଛନ୍ତି ପ୍ରଫେସର ମିଶ୍ର। ଆକାରରେ ଛୋଟ, କିନ୍ତୁ ଓଡ଼ିଶାର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣରେ 'ମିଶ୍ର ଶାଳ' ଦର୍ଶନୀୟ ସଂଗ୍ରହାଳୟ।

# ନିଷେଧ ସବୁବେଳେ ସମାଧାନ ନୁହେଁ

ସାଉଦି ଆରବରେ ମଦ୍ୟପାନ ସମ୍ପୂର୍ଣ୍ଣ ନିଷିଦ୍ଧ। ତଥାପି ସେଠାରେ ବିଶ୍ୱର ସବୁଠାରୁ ବଡ଼ ଚୋରା ମଦ ବଜାର ଗଢ଼ିଉଠିଛି। ଇରାନରେ ପାଶ୍ଚାତ୍ୟ ଚଳଚ୍ଚିତ୍ର, ସଙ୍ଗୀତ ଓ ଟେଲିଭିଜନ୍ କାର୍ଯ୍ୟକ୍ରମ ଉପରେ କଠୋର ନିଷେଧାଜ୍ଞା ରହିଛି। ତଥାପି ଅବୈଧ ଭାବେ ପାଇରେଟେଡ୍ ମିଡିଆର ବ୍ୟବହାର ଏବଂ ସୃଷ୍ଟି ପାଇଁ ଦେଶଟି ପରିଚିତ। ପାକିସ୍ତାନରେ ପର୍ଣ୍ଣୋଗ୍ରାଫି ଦେଖିବା ଆଇନତ ନିଷିଦ୍ଧ। କିନ୍ତୁ ବିଭିନ୍ନ ସର୍ବେକ୍ଷଣ ଅନୁସାରେ, ଅନଲାଇନ୍ ପର୍ଣ୍ଣୋଗ୍ରାଫି ବ୍ୟବହାରରେ ପାକିସ୍ତାନୀଙ୍କ ସ୍ଥାନ ଦୀର୍ଘ ସମୟ ଧରି ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ରହିଛି। ଭାରତ ବି ଏ ତାଲିକାରେ ରହିଛି। ଚୀନରେ ଗୁଗୁଲ୍, ଫେସବୁକ୍ ପରି ଅନେକ ପାଶ୍ଚାତ୍ୟ ଡିଜିଟାଲ୍ ପ୍ଲାଟଫର୍ମ ନିଷିଦ୍ଧ। କିନ୍ତୁ ସେହି ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ଚୀନ ନିଜସ୍ୱ ପ୍ରଯୁକ୍ତି ମଞ୍ଚ ଯଥା ୱିଚାଟ୍ ଓ ଟିକ୍‌ଟକ୍ସ ସୃଷ୍ଟି କରି ବିଶ୍ୱବଜାରରେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛି। ଅନ୍ୟପକ୍ଷରେ, ଜର୍ମାନୀ ଓ ନେଦରଲ୍ୟାଣ୍ଡରେ ଗଞ୍ଜେଇ ବ୍ୟବହାର ପ୍ରତି ଆଇନ ଉଦାର। ତଥାପି ସେହି ଦେଶମାନଙ୍କର ଯୁବପିଢ଼ି ମଧ୍ୟରେ ଗଞ୍ଜେଇ ସେବନର ହାର ଅନେକ ଦେଶ ତୁଳନାରେ କମ୍। ଏହା ପ୍ରମାଣ କରେ ଯେ, କେବଳ ନିଷେଧାଜ୍ଞା ଜାରି କରିଦେଲେ ସମସ୍ୟାର ସମାଧାନ ହୋଇଯାଏ ନାହିଁ। ବରଂ ଅନେକ କ୍ଷେତ୍ରରେ ଓଲଟା ହୁଏ। କୌଣସି ଜିନିଷକୁ ନିଷେଧ କଲେ - ତା ପ୍ରତି କୌତୁହଳ ଓ ଆଗ୍ରହ ବୃଦ୍ଧି ପାଏ, ବ୍ୟବହାର ବି ବୃଦ୍ଧି ପାଏ। ଭାରତର କେତେକ ପ୍ରଦେଶ ଓ ଅଞ୍ଚଳରେ ମଦ ସେବନ ଓ ବିକ୍ରି ନିଷେଧ। ସେଠି ଥରେ ବୁଲି ଆସିଲେ ଜାଣିବେ ଅବସ୍ଥା କ'ଣ !

ଆଚ୍ଛା, ଭାରତରେ ସାଧାରଣ ଜ୍ଞାନ (କମନ୍ ସେନ୍ସ) ବ୍ୟବହାର ଉପରେ କୌଣସି ନିଷେଧାଜ୍ଞା ନାହିଁ। କିନ୍ତୁ ଆମ ସମାଜରେ ଅନେକ ଲୋକ ଏହାକୁ ବ୍ୟବହାର କରନ୍ତି ନାହିଁ। ଯେତେବେଳେ ଏବଂ ଯେଉଁ କ୍ଷେତ୍ରରେ ଏହାକୁ ବ୍ୟବହାର କରିବା ଦରକାର, ସେତେବେଳେ ଏବଂ ସେଇ କ୍ଷେତ୍ରରେ ଏହାର ବ୍ୟବହାର କମ୍। ତେଣୁ ଆମ ଦେଶରେ ମିଥ୍ୟା ପ୍ରଚାର, ଗୁଜବ ଓ ହଟଚମଟକାରୀ ବିଷୟବସ୍ତୁ ପ୍ରସାର କରି ସହଜରେ ଲୋକଙ୍କୁ ବିଭ୍ରାନ୍ତ କରାଯାଇପାରେ। ଚମତ୍କାରୀ ବାବା ମାତା ଫକିର ଓସ୍ତାଦମାନେ, ରାଜନୈତିକ ନେତାମାନେ ସାଧାରଣ ଲୋକଙ୍କୁ ସହଜରେ ଠକି ଦିଅନ୍ତି। ଯୁକ୍ତି, ଚିନ୍ତା ଓ ସାଧାରଣ ଜ୍ଞାନ ଆମକୁ ଶିଖାଏ କେଉଁ ବିଷୟକୁ ଅଣଦେଖା କରିବା ଉଚିତ୍ ଏବଂ କେଉଁ ବିଷୟକୁ ଗୁରୁତ୍ୱ ଦେବା ଦରକାର। ପ୍ରକୃତ ଶିକ୍ଷା (ଡିଗ୍ରୀ ସବୁବେଳେ ପ୍ରକୃତ ଶିକ୍ଷାର ମାନକ ନୁହେଁ ) ଆମର ଏ ବୋଧକୁ ଶାଣିତ ଓ ସାନ୍ଦ୍ର କରେ। ଯେହେତୁ ଆମର ତାହା ନାହିଁ, ଫଳରେ ତୁଚ୍ଛ, ଅଶୋଭନ କିମ୍ବା ଅପ୍ରୟୋଜନୀୟ ବିଷୟ ପ୍ରତି ଅନାବଶ୍ୟକ କୌତୂହଳ ସୃଷ୍ଟି ହୁଏ। ଆମେ ସହଜରେ ଭୋଳ ହୋଇ ଯାଉ। ଦୃଶ୍ୟ ମାଧ୍ୟମର, ବିଶେଷ କରି ଖୁବ ଛୋଟ ଦୃଶ୍ୟ (ରିଲ, ସର୍ଟ ଭିଡିଓ) ର ପ୍ରସାର ଆମ ସାଧାରଣ ଜ୍ଞାନକୁ ଦନ୍ତଡ଼ା ଏବଂ ସମ୍ବେଦନ -ଶୁନ୍ୟ କରିଦେଉଛି।

# ପାକସ୍ଥଳୀ

ଆମ ନବଘନ ପାକିସ୍ତାନକୁ ପସନ୍ଦ କରେ ନି। ତା' ପୁଅ ଭୀମସେନ ତାଠୁ ଦୁଇଗୁଣ। ସେ ପାକିସ୍ତାନ ଉପରେ ପ୍ରବଳ ଖପ୍ପା। ସେଦିନ ସ୍କୁଲରେ ବିଜ୍ଞାନ କ୍ଲାସରେ ଶିକ୍ଷକ ତାକୁ ପଚାରିଲେ, ଭୀମ କହିଲୁ ଆମ ଦେହର କେଉଁ ଅଙ୍ଗରେ ଖାଦ୍ୟ ହଜମ ହୁଏ ? ଭୀମ ଉତ୍ତର ଦେଲା, ସାର୍ ହିନ୍ଦୁସ୍ଥଳି।

- ଆରେ ଗଧ, ସେଟା ପାକସ୍ଥଳୀ।

- ନାଇଁ ସାର୍। ହିନ୍ଦୁସ୍ତାନରେ ରହିଲେ ଆଉ ପାକିସ୍ତାନର ଥଳି ଚଳିବ ନାହିଁ।




# ଗେଞ୍ଜିରେ ଛପା ଜ୍ଞାନ

ଈଶ୍ୱରଙ୍କ ଭଳି ଜ୍ଞାନ ବି ସର୍ବତ୍ର ବିଦ୍ୟମାନ। ଦେଖିଲେ ହେଲା। ଏବେ ଗୋଟେ ଗେଞ୍ଜିରେ ଛପା କିଛି ଜ୍ଞାନ ଆବିଷ୍କାର କଲି ଇଣ୍ଟରନେଟରେ। ଇଂରାଜୀରେ ଯାହା ଲେଖା ହୋଇଛି ତା'ର ଓଡ଼ିଆ ଅର୍ଥ ହେଲା: ବର୍ଷା ମାଟିକୁ ଭାଙ୍ଗେ ନାହିଁ , ବର୍ଷା ମାଟିକୁ ନରମ କରିଦିଏ, ଯାହା ଫଳରେ ମଞ୍ଜି ଗଛ ହୁଏ। ଏ ଲେଖାରେ ଥିବା ଜ୍ଞାନଟି ହେଲା - ବର୍ଷା ଅଙ୍କୁରୋଦଗମ ପାଇଁ ଗୋଟେ ସ୍ଥିତି ତିଆରି କରିଦିଏ। ମଞ୍ଜିକୁ ନିଜ ଚେଷ୍ଟାରେ ଗଛ ହେବାକୁ ପଡ଼େ। ଏ ଜୟନ୍ତୀ ଜୀବନର ବିଭିନ୍ନ କ୍ଷେତ୍ରରେ ପ୍ରାସଙ୍ଗିକ। ଶିକ୍ଷା ମଣିଷକୁ ଜ୍ଞାନ ଆହରଣର ସୁଯୋଗ କରିଦିଏ, ଆହରଣ ନିଜକୁ କରିବାକୁ ପଡ଼େ।

# ଶ୍ରାବଣ

ଆଷାଢ଼-ଶ୍ରାବଣ ଦୁଇ ମାସ ହେଲା ବର୍ଷା ଋତୁ। ଯଦିଓ ଭାଦ୍ର-ଆଶ୍ୱିନ ଯାଏ ବର୍ଷା ଥାଏ, ତଥାପି ଶ୍ରାବଣ ହେଲା ବର୍ଷର କ୍ଲାଇମାକ୍ସ। ଶ୍ରାବଣ ଆସିଲେ ପ୍ରକୃତିର ମୁହଁରେ ଏକ ଅଲଗା ପ୍ରଶାନ୍ତି ଫୁଟିଉଠେ। ଆକାଶରେ ଘନ କଳା ମେଘ- କବିମାନେ ଯାହାର ତୁଳନା ପ୍ରେୟସୀର ଘନ କଳା କେଶ ସହିତ କରିଥାନ୍ତି। ଧରିତ୍ରୀ ବର୍ଷାର ସ୍ପର୍ଶରେ ନୂଆ ଜୀବନ ପାଏ। ଭାରତୀୟ ଋତୁଚକ୍ରରେ ଶ୍ରାବଣ କେବଳ ସବୁଠାରୁ ବେଶି ବର୍ଷା ହେଉଥିବା ମାସ ନୁହେଁ; ଏହା ଆଶା, ଉର୍ବରତା



ଓ ନବସୃଷ୍ଟିର ପ୍ରତୀକ। ଚାଷୀ ପାଇଁ ଶ୍ରାବଣ ହେଉଛି ପରିଶ୍ରମର ମାସ। କାଦୁଅରେ ପାଦ ବୁଡ଼େଇ ସେ ଧାନରୋପଣ କରେ, କାରଣ ସେ ଜାଣେ ଆଜିର ଶ୍ରମ ହିଁ ଆସନ୍ତା ଦିନର ଅନ୍ନ। ଗାଁର ପୋଖରୀ ପାଣିରେ ପୂର୍ଣ୍ଣ ହୁଏ, ନଦୀଗୁଡ଼ିକ ଜୀବନ୍ତ ହୋଇଉଠନ୍ତି, ଗଛଲତା ଧାରା ବର୍ଷାରେ ଗାଧୋଇ ସବୁଜର ସବୁଠାରୁ ସୁନ୍ଦର ରୂପ ଧାରଣ କରନ୍ତି । ବର୍ଷାର ଟୁପୁର ଟପୁର ଶବ୍ଦରେ ପ୍ରକୃତି ଯେପରି ଏକ ଅନନ୍ତ ସଙ୍ଗୀତ ଗାଉଥାଏ। ଶ୍ରାବଣର ସ୍ମୃତି କେବଳ ପ୍ରକୃତିରେ ନୁହେଁ, ଆମ ମନରେ ମଧ୍ୟ ବାସ କରେ। କାଗଜ ଡଙ୍ଗା ଭସାଇବାର ଶୈଶବ, ବର୍ଷାରେ ଭିଜି ସ୍କୁଲରୁ ଫେରିବା, ମା'ର ହାତର ଗରମ ପକୁଡ଼ି କିମ୍ବା ଖେଚୁଡ଼ିର ସ୍ୱାଦ ଏହି ସବୁ ଅନୁଭବ ଶ୍ରାବଣକୁ କେବଳ ଏକ ମାସ ନୁହେଁ, ଏକ ଭାବନାରେ ପରିଣତ କରେ। ଆଉ ହଁ, ଶ୍ରାବଣରେ ହୁଏ ବୋଲବମ ଯାତ୍ରା। ଗଲା ୧୫-୨୦ ବର୍ଷ ହେଲା ଓଡ଼ିଶାରେ ବୋଲବମ ଯାତ୍ରାର ପ୍ରଚଳନ ବର୍ଷାଦିନରେ ଘାସ ଭଳି ଖୁବ ବଢ଼ିଛି। ସମାଜରେ ମହାଦେବଙ୍କ ପ୍ରତି ଭକ୍ତି ବଢ଼ିଛି - ନା ପାଞ୍ଚଲୋକ ଯାଉଛନ୍ତି, ତେଣୁ ମୁଁ ବି ଯିବି (ମନସ୍ତତ୍ତ୍ୱରେ ଏହାକୁ 'ଆବିଲେନ ପାରାଡକ୍ସ' ବୋଲି କହନ୍ତି)- ଏଇ ମାନସିକତା ବଢ଼ିଛି - ଠିକ କରି କହିପାରିବିନି।




# ଶୂନ୍ୟ ପରାଜୟ
# ବିରଳ ଅଧିନାୟକତ୍ୱ

ସବୁ ଆରମ୍ଭର ଶେଷ ଥାଏ । ଆଉ ସେହି ଶେଷକୁ ସମ୍ମାନ ଜଣାଇ କ୍ରିକେଟର ସବୁ ଫର୍ମାଟରୁ କାନ୍ଦି କାନ୍ଦି ବିଦାୟ ନେଇଛନ୍ତି ଟିମ ଇଣ୍ଡିଆର ନିର୍ଭରଯୋଗ୍ୟ ବ୍ୟାଟର ଆଜିଙ୍କ୍ୟ ରାହାଣେ । ୩ ବର୍ଷ ଧରି ଘରୋଇ କ୍ରିକେଟ ଖେଳି ଭାରତୀୟ ଟିମକୁ ପ୍ରତ୍ୟାବର୍ତ୍ତନ ଆଶାରେ ଥିଲେ ରାହାଣେ । କିନ୍ତୁ ଭାରତୀୟ ଟିମର ଦ୍ୱାର ସବୁଦିନ ପାଇଁ ବନ୍ଦ ହୋଇ ସାରିଥିବା ଅନୁଭବ କରି ଶେଷରେ ଆଜିଙ୍କ୍ୟ ରାହାଣେ କ୍ରିକେଟର ସମସ୍ତ ଫର୍ମାଟକୁ ଅଲବିଦା କହିଛନ୍ତି ।

ଦୀର୍ଘଦିନର କ୍ରିକେଟ କ୍ୟାରିୟରର ଅନ୍ତ ଘୋଷଣା କରିବେ ବେଳେ ରାହେଣଙ୍କ ଆଖି ଛଳଛଳ ହୋଇ ଯାଇଥିଲା । ସେ ଲୁହ ଭିଜା ଆଖିରେ କ୍ୟାପ ନମ୍ବର ୨୭୮ ସାଇନିଂ ଅଫ ବୋଲି କହିଥିଲେ । ଏତେ ବର୍ଷ ଧରି ତାଙ୍କୁ ମିଳିଥିବା ଭଲ ପାଇବା ଓ ସମର୍ଥନ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସବୁ ବେଳେ ନିଜର ଭାବନାକୁ ନିଜ ଭିତରେ ରଖୁଥିବା ରାହାଣେ କ୍ରିକେଟରୁ ବିଦାୟ ନେବା ବେଳେ କୋହ ସମ୍ବରଣ କରିପାରି ନଥିଲେ । ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିବା ନିଜ ଅବସର ଘୋଷଣା ଭିଡିଓରେ ସେ ସମସ୍ତ ପ୍ରକାରର କ୍ରିକେଟରୁ ସନ୍ନ୍ୟାସ ନେଉଥିବା କଥା କହିବା ସହ କ୍ୟାରିୟରର ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ । କ୍ରିକେଟରଙ୍କ ଜୀବନରେ ବିଫଳତା ଏକ ସାଧାରଣ ଘଟଣା ବୋଲି ସ୍ୱୀକାର କରି ସେ ପ୍ରଶଂସକମାନଙ୍କ ଭଲପାଇବା ଓ ଅତୁଟ ବିଶ୍ୱାସ ପାଇଁ କୃତଜ୍ଞତା ଜଣାଇଥିଲେ ।

ରାହାଣେ କହିଛନ୍ତି, ଜଣେ କ୍ରିକେଟର ଭାବେ ଆମେ ସଫଳତାଠାରୁ ବହୁତ ଅଧିକ ଥର ବିଫଳତାର ସାମ୍ନା କରିଥାଉ । ମୋ ଦଳ ମ୍ୟାଚ୍ ହାରିଛି, ମୁଁ ମଧ୍ୟ ଅନେକ ଭୁଲ କରିଛି । କିନ୍ତୁ ଗୋଟିଏ ସ୍ଥାନ ଥିଲା ଯେଉଁଠାରେ ମୁଁ କେବେ ପରାଜିତ ହୋଇନି । ସେହି ସ୍ଥାନ ହେଉଛି ଆପଣମାନଙ୍କ ହୃଦୟ । ଏହା କହିବା ସମୟରେ ତାଙ୍କ ଆଖିରେ ଲୁହକୁ ଜକେଇ ଆସିଥିଲା ।

୩୮ ବର୍ଷୀୟ ରାହାଣେ କ୍ୟାରିୟରର ପ୍ରତ୍ୟେକ ପର୍ଯ୍ୟାୟରେ ନିଜ ସହ ଛିଡ଼ା ହୋଇ ରହିଥିବା ପ୍ରଶଂସକମାନଙ୍କୁ ଧନ୍ୟବାଦ ଜଣାଇ କହିଥିଲେ, ଆପଣମାନେ ସବୁବେଳେ ମୋତେ ନିଜ ପରି ଭଲପାଇଛନ୍ତି । ଆପଣମାନଙ୍କ ଭଲପାଇବା, ବିଶ୍ୱାସ ଓ ସମର୍ଥନ ପାଇଁ ହୃଦୟରୁ ଧନ୍ୟବାଦ । ରାହାଣେ ସିନା କ୍ରିକେଟରୁ ଅବସର ଘୋଷଣା କରି ନେଇଛନ୍ତି, କିନ୍ତୁ ନିଜ ନାଁ ପଛରେ ଥିବା ଗୋଟିଏ ବିରଳ ରେକର୍ଡକୁ ସବୁଦିନ ପାଇଁ ସେ ଛାଡ଼ି ଯାଇଛନ୍ତି । ସେ ଭାରତର କମାଣ ଯେତେ ଥର ବି ସମ୍ଭାଳିଛନ୍ତି କେବେ ବି ତାଙ୍କ ନେତୃତ୍ୱରେ ଦଳ ହାରି ନଥିଲା । ଏପରି ସଫଳତା ପାଇଥିବା କିଛି ମାତ୍ର ହାତ ଗଣତି ଅଧିନାୟକଙ୍କ ମଧ୍ୟରେ ରାହାଣେ ନିଜକୁ ସାମିଲ କରିପାରିଛନ୍ତି ।

ଭାରତର ଅନେକ ମହାନ ଅଧିନାୟକ ଟେଷ୍ଟ କ୍ରିକେଟରେ ନିଜର ସ୍ୱତନ୍ତ୍ର ପ୍ରତିଷ୍ଠା ସୃଷ୍ଟି କରିଥିବା ବେଳେ ରାହାଣେ ଭାରତର ଟେଷ୍ଟ ଅଧିନାୟକ ଭାବେ ଗୋଟିଏ ବି ମ୍ୟାଚ୍ ହାରି ନାହାନ୍ତି । ସେ ନେତୃତ୍ୱ ଦେଇଥିବା ୬ଟି ଟେଷ୍ଟରୁ ଭାରତ ୪ଟି ଜିତିଥିବାବେଳେ ୨ଟି ଡ୍ର ହୋଇଥିଲା ।



୧୫ ବର୍ଷର କ୍ୟାରିୟରରେ ସେ ବିଦେଶ ମାଟିରେ ଅନେକ ସ୍ମରଣୀୟ ଶତକ ହାସଲ କରିଛନ୍ତି । କିନ୍ତୁ ରାହାଣେଙ୍କ କ୍ୟାରିୟରର ସବୁଠାରୁ ବଡ଼ ପରିଚୟ ହେଉଛି ଅଷ୍ଟ୍ରେଲିଆରେ ଭାରତକୁ ମିଳିଥିବା ଐତିହାସିକ ଟେଷ୍ଟ ଶୃଙ୍ଖଳା ବିଜୟ ।

ଭାରତର ୩୮ ଜଣ ଟେଷ୍ଟ ଅଧିନାୟକଙ୍କ ମଧ୍ୟରୁ କେବଳ ଚାରିଜଣ ଟେଷ୍ଟ ମ୍ୟାଚ ହାରି ନାହାନ୍ତି । ଏସ୍ ଶ୍ରୀକାନ୍ତ ୪ଟି ଟେଷ୍ଟରେ ଅଧିନାୟକତ୍ୱ କରି ସବୁ ଡ୍ର କରିଥିଲେ । ହେମୁ ଅଧିକାରୀ ଓ ରବି ଶାସ୍ତ୍ରୀ ଗୋଟିଏ ଲେଖାଏଁ ଟେଷ୍ଟରେ କମାଣ ସମ୍ଭାଳି ଦଳକୁ ଅପରାଜେୟ ରଖିଥିଲେ ।

ଏହି ତାଲିକାରେ ରାହାଣେଙ୍କ ନାଁ ଯୋଡ଼ି ହୋଇଯାଇଛି । କିନ୍ତୁ ଏହି ରେକର୍ଡ ତାଙ୍କ ପାଇଁ ଆହୁରି ସ୍ୱତନ୍ତ୍ର । କାରଣ ସେ ଏକମାତ୍ର ଅଧିନାୟକ ଯିଏ ବିଦେଶ ମାଟିରେ ଭାରତକୁ ଐତିହାସିକ ଟେଷ୍ଟ ଶୃଙ୍ଖଳା ବିଜୟ ଦେବା ସହ ଅପରାଜେୟ ରଖିଛନ୍ତି ।

୨୦୨୦-୨୧ ବର୍ଡର-ଗାଭାସ୍କର ଟ୍ରଫି ରାହାଣେଙ୍କ କ୍ୟାରିୟରର ସବୁଠାରୁ ସ୍ମରଣୀୟ ଅଧ୍ୟାୟ । ଆଡିଲେଡ୍ ଟେଷ୍ଟରେ ଭାରତ ମାତ୍ର ୩୬ ରନରେ ଅଲଆଉଟ୍ ହେବା ପରେ ଶୃଙ୍ଖଳା ହାରିବା ପ୍ରାୟ ନିଶ୍ଚିତ ଥିଲା । ସେହି ବିପର୍ଯ୍ୟୟ ପରେ ଦଳର ନିୟମିତ ଅଧିନାୟକ ବିରାଟ କୋହଲି ପିତୃତ୍ୱ ଛୁଟିରେ ଦେଶକୁ ଫେରିଯାଇଥିଲେ ।

ଏଭଳି ପରିସ୍ଥିତିରେ ରାହାଣେ ମେଲବର୍ଣ୍ଣ ଟେଷ୍ଟରେ ଦାୟିତ୍ୱ ନେଇ ୧୧୨ ରନର ଇନିଂସ ଖେଳି ଭାରତକୁ ଚମତ୍କାର ବିଜୟ ଦେଇଥିଲେ । ଏହା କେବଳ ଶତକ ନୁହେଁ, ବରଂ ଆଡିଲେଡର ନିରାଶାରୁ ଦଳକୁ ପୁଣିଥରେ ଉଠାଇ ଆଣିବାର ମୁହୂର୍ତ୍ତ ଥିଲା ।

ଶୃଙ୍ଖଳା ଆଗକୁ ବଢ଼ିବା ସହ ଦଳର ଅନେକ ପ୍ରମୁଖ ଖେଳାଳି ଆହତ ହୋଇ ବାଦ ପଡ଼ିଥିଲେ । ମହମ୍ମଦ ସିରାଜ, ଶୁବମନ ଗିଲ୍, ଓ୍ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଲ ଠାକୁର ଓ ଟି ନଟରାଜନଙ୍କ ଭଳି ଯୁବ ଖେଳାଳିଙ୍କୁ ନେଇ ସେ ଅଷ୍ଟ୍ରେଲିଆ ମାଟିରେ କଙ୍ଗାରୁ ଟିମ ସହ ଲଢ଼େଇ କରିଥିଲେ ।

ରାହାଣେଙ୍କ ଶାନ୍ତ ସ୍ୱଭାବ ଓ ଯୁବ ଖେଳାଳିଙ୍କ ପ୍ରତି ଅଟୁଟ ବିଶ୍ୱାସ ଏହି ଅଭିଯାନର ସବୁଠାରୁ ବଡ଼ ଶକ୍ତି ହୋଇଥିଲା । ସମସ୍ତ ଆଶଙ୍କାକୁ ପଛରେ ପକାଇ ଭାରତ ଗାବାରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ୨-୧ରେ ଶୃଙ୍ଖଳା ଜିତିଥିଲା । ଋଷଭ ପନ୍ତ ଓ ଗିଲ ଖେଳିଥିଲେ ଚମତ୍କାର ଇନିଂସ । ବ୍ରିସବେନରେ ଅଷ୍ଟ୍ରେଲିଆର ୩୨ ବର୍ଷର ଅପରାଜେୟ ରେକର୍ଡ ଭାଙ୍ଗିବାକୁ ଭାରତ ସକ୍ଷମ ହୋଇଥିଲା ।

ରାହାଣେଙ୍କ ଅପରାଜିତ ଟେଷ୍ଟ ଅଧିନାୟକତ୍ୱ କେବଳ ସଂଖ୍ୟାର ଖେଳ ନୁହେଁ । ଦିନିକିଆ କ୍ରିକେଟରେ ମଧ୍ୟ ସେ ଭାରତର ନେତୃତ୍ୱ ନେଇଥିବା ସମସ୍ତ ୩ଟି ଯାକ ମ୍ୟାଚ୍ ଜିତିଥିଲେ। ଭାରତର ୨୮ ଜଣ ଦିନିକିଆ ଅଧିନାୟକଙ୍କ ମଧ୍ୟରୁ କେବଳ ଆଜିଙ୍କ୍ୟ ରାହାଣେ, ଗୌତମ ଗମ୍ଭୀର, ଅନୀଲ କୁମ୍ବଲେ ଓ ମହିନ୍ଦର ଅମରନାଥ ଅପରାଜେୟ ରହି ନିଜ କ୍ୟାରିୟର ଶେଷ କରିଛନ୍ତି।

ଟି-୨୦ ଅନ୍ତର୍ଜାତୀୟରେ ସେ ୨ଟି ମ୍ୟାଚରେ ଅଧିନାୟକତ୍ୱ କରି ଗୋଟିଏ ଜିତିଥିଲେ ଓ ଗୋଟିଏ ହାରିଥିଲେ । ଅର୍ଥାତ୍ ତିନୋଟି ଯାକ ଫର୍ମାଟରେ ମୋଟ ୧୧ଟି ଅନ୍ତର୍ଜାତୀୟ ମ୍ୟାଚରେ ଅଧିନାୟକ ଭାବେ ସେ କେବଳ ଗୋଟିଏ ମ୍ୟାଚରେ ହିଁ ପରାଜୟର ସାମ୍ନା କରିଛନ୍ତି ।

ଅଧିନାୟକ ଭାବେ ରାହାଣେ ୬ଟି ଟେଷ୍ଟ ମ୍ୟାଚରେ ୩୯.୮୮ ହାରରେ ୩୫୯ ରନ୍ କରିଛନ୍ତି । ରାହାଣେଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଉପରେ ନଜର ପକାଇଲେ ସେ ୮୫ଟି ଟେଷ୍ଟ, ୯୦ଟି ଦିନିକିଆ ଓ ୨୦ଟି ଟି-୨୦ ମ୍ୟାଚ୍ ଭାରତ ପାଇଁ ଖେଳିଛନ୍ତି । ସେ ୮,୪୧୪ ରନ୍ କରିଛନ୍ତି । ଏହା ମଧ୍ୟରେ ରହିଛି ୧୫ଟି ଶତକ ।

ରାହାଣେଙ୍କ କ୍ୟାରିୟରରେ ଉତଥାନ-ପତନ ମଧ୍ୟ କମ୍ ନଥିଲା । ଭାରତୀୟ ଦଳରେ ନିଜ ସ୍ଥାନ ହରାଇବା ପରେ ମଧ୍ୟ ସେ ହାର ମାନିନଥିଲେ । ୨୦୨୩ରେ ସେ ଶେଷ ଥର ପାଇଁ ଭାରତ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଥିଲେ । ଏହାପରେ ସେ ଘରୋଇ କ୍ରିକେଟ୍ ଓ ଆଇପିଏଲରେ ନିୟମିତ ଖେଳ ଜାରି ରଖିଥିଲେ ।


ଆଇପିଏଲରେ ରାହାଣେ ମୁମ୍ବାଇ ଇଣ୍ଡିଆନ୍ସ, ରାଜସ୍ଥାନ ରୟାଲ୍ସ, ରାଇଜିଂ ପୁଣେ ସୁପରଜାଏଣ୍ଟ, ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ଭଳି ୬ଟି ଫ୍ରାଞ୍ଚାଇଜ୍ ପାଇଁ ଖେଳିଥିଲେ । ଘରୋଇ କ୍ରିକେଟରେ ମଧ୍ୟ ରାହାଣେ ସକ୍ରିୟ ଥିଲେ ଓ ୨୦୨୪-୨୫ ପର୍ଯ୍ୟନ୍ତ ମୁମ୍ବାଇ ଦଳର ନେତୃତ୍ୱ ନେଇଥିଲେ । ତାଙ୍କ ଅଧିନାୟକତ୍ୱରେ ମୁମ୍ବାଇ ୨୦୨୩-୨୪ରେ ରେକର୍ଡ ୪୨ତମ ରଣଜୀ ଟ୍ରଫି ଜିତିଥିଲା ।

## ଦିନିକିଆରେ ଅପରାଜିତ ଅଧିନାୟକ

ଆଜିଙ୍କ୍ୟ ରାହାଣେ - ୩ ମ୍ୟାଚ୍, ୩ ବିଜୟ (୨୦୧୫)
ଗୌତମ ଗମ୍ଭୀର - ୬ ମ୍ୟାଚ୍, ୬ ବିଜୟ (୨୦୧୦-୨୦୧୧)
ଅନୀଲ କୁମ୍ବଲେ - ୧ ମ୍ୟାଚ୍, ୧ ବିଜୟ (୨୦୦୨)
ମହିନ୍ଦର ଅମରନାଥ - ୧ ମ୍ୟାଚ୍, ୦ ବିଜୟ, ୦ ପରାଜୟ, ୧ ନୋ ରିଜଲଫ (୧୯୮୪)

## ଟେଷ୍ଟରେ ଅପରାଜିତ ଅଧିନାୟକ

ଆଜିଙ୍କ୍ୟ ରାହାଣେ: ୬-ଟେଷ୍ଟ, ୪-ବିଜୟ, ୦-ପରାଜୟ, ୨ ଡ୍ର (୨୦୧୭-୨୦୨୧)
କ୍ରିସ୍ ଶ୍ରୀକାନ୍ତ - ୪ ଟେଷ୍ଟ, ୦ ବିଜୟ, ୦ ପରାଜୟ, ୪ ଡ୍ର (୧୯୮୯)
ରବି ଶାସ୍ତ୍ରୀ - ୧ ଟେଷ୍ଟ, ୧ ବିଜୟ, ୦ ପରାଜୟ (୧୯୮୮)
ହେମୁ ଅଧିକାରୀ - ୧ ଟେଷ୍ଟ, ୦ ବିଜୟ, ୦ ପରାଜୟ, ୧ ଡ୍ର (୧୯୫୯)





# ବ୍ଲାକ୍ ପାନ୍ଥର

**ମାର୍ଭେଲ୍ ସିନେମାଟିକ୍ ୟୁନିଭର୍ସର ଅତ୍ୟନ୍ତ ଲୋକପ୍ରିୟ ସୁପରହିରୋ ଚରିତ୍ର 'ବ୍ଲାକ୍ ପାନ୍ଥର' ଭୂମିକାରେ ନଜର ଆସିବାକୁ ଯାଉଛନ୍ତି ବ୍ରିଟିଶ୍ ଅଭିନେତା ଡେଭିଡ୍ ଜନ୍‌ସନ୍ ।**



ନିର୍ଦ୍ଦେଶକ ରୋୟାନ୍ କୁଗ୍‌ଲର ଓ ମାର୍ଭେଲ୍ ଷ୍ଟୁଡିଓ ମୁଖ୍ୟ କେଭିନ୍ ଫାଇଗି ଡେଭିଡ୍ ଜନ୍‌ସନଙ୍କ ନାମ ଘୋଷଣା କରିବା ପରେ, ଡେଭିଡ୍ ଏବେ ସାରା ବିଶ୍ୱରେ ଚର୍ଚ୍ଚାର ଶୀର୍ଷରେ ରହିଛନ୍ତି । ସେ ଏହି ଚଳଚ୍ଚିତ୍ରରେ ସ୍ୱର୍ଗତ ଚାଡୱିକ୍ ବୋସ୍‌ମ୍ୟାନ୍‌ଙ୍କ ଚରିତ୍ର କିଙ୍ଗ୍ ଟି-ଚାଲାଙ୍କ ପୁଅ 'ପ୍ରିନ୍ସ ଟି-ଚାଲା' (ଟୁସାଣ୍ଟ) ଭୂମିକାରେ ଅଭିନୟ କରିବେ। ଲଣ୍ଡନ୍‌ର ଇଷ୍ଟ ଏଣ୍ଡ୍ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ଡେଭିଡ୍‌ଙ୍କ ପାଇଁ ଏହି ସଫଳତା ଆଦୌ ସହଜ ନଥିଲା। ତାଙ୍କ ବାପା ହିଥ୍ରୋ ଏୟାରପୋର୍ଟରେ ଆଇଟି ଇଞ୍ଜିନିୟର ଏବଂ ମା' ପୋଲିସ୍‌ରେ କାର୍ଯ୍ୟରତ ଥିବା ବେଳେ, ପିଲାଦିନେ ୧୪ ବର୍ଷ ବୟସରେ ସ୍କୁଲ୍‌ରୁ ବାହାରିଯିବା ପରେ ତାଙ୍କ ଜୀବନରେ ଏକ ନକରାତ୍ମକ ଟର୍ଣ୍ଣ ଆସିଥିଲା । ମାତ୍ର ଅଭିନୟ ପ୍ରତି ଥିବା ଦୃଢ଼ ଆଗ୍ରହ ଓ ମା'ଙ୍କ ପ୍ରେରଣା ଯୋଗୁଁ ସେ ନିଜ ଜୀବନର ଦିଗ ବଦଳାଇଥିଲେ। ପ୍ରାରମ୍ଭିକ କ୍ୟାରିୟରରେ ବହୁ ପ୍ରତିବନ୍ଧକ, ଅଡିସନ୍‌ରେ ବିଫଳତା ଓ ଆର୍ଥିକ ସଂଘର୍ଷର ସାମ୍ନା କରିବା ପରେ, ୧୬ ବର୍ଷ ବୟସରେ ସେ ନ୍ୟୁୟର୍କରେ ଏବଂ ପରବର୍ତ୍ତୀ ସମୟରେ ବିଶ୍ୱପ୍ରସିଦ୍ଧ 'ରୟାଲ୍ ଆକାଡେମୀ ଅଫ୍ ଡ୍ରାମାଟିକ୍ ଆର୍ଟ'ରେ ଅଭିନୟ ଶିକ୍ଷା ଗ୍ରହଣ କରିଥିଲେ । ରାଡା ହେଉଛି ସେହି ଅନୁଷ୍ଠାନ ଯେଉଁଠାରୁ ଆନ୍ଥୋନୀ ହପକିନ୍ସ, ଟମ୍ ହିଡିଲଷ୍ଟନ୍ ଏବଂ ସିନ୍ଥିଆ ଏରିଭୋଙ୍କ ଭଳି ଦିଗ୍ଗଜ କଳାକାର ବାହାରିଛନ୍ତି । ନିଜର ବ୍ୟକ୍ତିଗତ ଜୀବନକୁ ଗଣମାଧ୍ୟମଠାରୁ ଦୂରରେ ରଖିବାକୁ ପସନ୍ଦ କରୁଥିବା ଡେଭିଡ୍ ପ୍ରଥମେ ଥିଏଟରରୁ ନିଜର ଅଭିନୟ ସାଧନା ଆରମ୍ଭ କରିଥିଲେ । ଏଚବିଓର ଲୋକପ୍ରିୟ ଡ୍ରାମା 'ଇଣ୍ଡଷ୍ଟ୍ରି'ରେ ଗସ୍ ସାକି ଚରିତ୍ର, ୨୦୨୩ର ରୋମାଣ୍ଟିକ୍ କମେଡି 'ରାଇ ଲେନ୍' ଏବଂ ସାଇନ୍ସ-ଫିକ୍ସନ୍ ଫିଲ୍ମ 'ଏଲିୟନ୍: ରୋମୁଲସ୍'ରେ ତାଙ୍କର ଜୀବନ୍ତ ଅଭିନୟ ତାଙ୍କ ପାଇଁ ମାର୍ଭେଲ୍‌ର ଏହି ବିଶାଳ ସୁଯୋଗ ଆଣିଦେଇଥିବା ନେଇ ଚର୍ଚ୍ଚା ହେଉଛି । ଚାଡୱିକ୍ ବୋସ୍‌ମ୍ୟାନ୍‌ଙ୍କ ମହାନ ପରମ୍ପରାକୁ ଆଗକୁ ନେଇ ୱାକାଣ୍ଡାର ନୂଆ ଭବିଷ୍ୟତ ଗଢ଼ିବାକୁ ଯାଉଥିବା ଡେଭିଡ୍ ଜନ୍‌ସନ୍‌ଙ୍କ ପାଇଁ ଏହି ଭୂମିକା ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ମାଇଲଖୁଣ୍ଟ ପାଲଟିଛି। ଦର୍ଶକଙ୍କୁ ମଧ୍ୟ ତାଙ୍କ ଅଭିନୟ ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି ।